ସାପ୍ତାହିକ
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
Postal Regd. No.: SBP/14/2019-2021
RNI No. 66443/94
Vol.25 | Issue - 37 | 10 - 16 October 2021 | Sambalpur | Page-12 | Invitation Price Rs.10

# କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସମ୍ବଲପୁର ଜିଲ୍ଲାକୁ ତୋଫାନି ଗସ୍ତ















ସମ୍ବଲପୁର : ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସମ୍ବଲପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମ୍ବଲପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଶ୍ରୀ ଟୁଡୁଙ୍କୁ ଦଳୀୟ କର୍ମୀଙ୍କ ତରଫରୁ ଭବ୍ୟ ସ୍ୱାଗତ କରା ଯାଇଥିଲା । ମନ୍ତ୍ରୀ ସମ୍ବଲପୁରୀ ନୃତ୍ୟଶିଳ୍ପୀଙ୍କ ସହ ନାଚିଥିଲେ । ଶ୍ରୀ ଟୁଡୁ କୁଚିଣ୍ଡା ସବଡିଭିଜନ ଗସ୍ତରେ ଯାଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଜନ ଆଶୀର୍ବାଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜମନକିରା ବ୍ଲକର କୁଲୁଣ୍ଡି, ଜମନକିରା, ଭୋଜପୁର, ଚନ୍ଦନୀମାଲ ସହ ନିକଟରେ ଭାଙ୍ଗି ଯାଇଥିବା ଐତିହ୍ୟ ସମ୍ପନ୍ନ ଝୁଲେନପୋଲ ମଧ ପରିଦର୍ଶନ କରିଥିଲେ । ଆଇଟିଡିଏ କୁଚିଣ୍ଡା ଠାରେ ଏକ ସମୀକ୍ଷା ବୈଠକ ପରେ ଘୋଷା ଗ୍ରାମରେ ଏକ ନୂତନ କଲ୍ୟାଣ ମଣ୍ଡପର ଭୂମିପୂଜନ କରିଥିଲେ । ଏହାଛଡ଼ା କୁଚିଣ୍ଡା ମାରୱାଡି ଯୁବମଞ୍ଚ ଓ ଜାଗୃତି ଶାଖା ପକ୍ଷରୁ ହାଇସ୍କୁଲ ପରିସରରେ ନବ ନିର୍ମିତ ଅମୃତ ଧାରା ଉଦ୍‌ଘାଟନ କରିଥିଲେ । ସେ କୁଚିଣ୍ଡା ଟାଉନ ହଲରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମଧ ଯୋଗ ଦେବା ସାଙ୍ଗକୁ ବିଭିନ୍ନ ଦଳର ନେତାମାନେ ବିଜେପିରେ ଯୋଗ ଦେଇଥିବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ ଓ ବିଜେପି ରାଜ୍ୟ ଉପ ସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜମନକିରା ବ୍ଲକ ସଭାପତି ଅମୋଘ ପାଣିଗ୍ରାହୀ, କୁଚିଣ୍ଡା ନଗର ସଭାପତି ସୁଶୀଲ କର, ମହେଶ ରାୟ, ଅନୁପମା ନାଏକ, ଅରୁଣ ଅଗ୍ରୱାଲ, ବିଭୂତି କଲ୍ୟାଣ ପଟେଲ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ତଥା କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଜିଲ୍ଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ବୃନ୍ଦାବନ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସାମ୍ବାଦିକ ପ୍ରସନ୍ନ ମହାନ୍ତି ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ସଭ୍ୟ ମନୋନୀତ



ଭୁବନେଶ୍ୱର: ରାଜ୍ୟର ଜଣାଶୁଣା ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ (ପିସିଆଇ)ର ସଭ୍ୟ ଭାବେ ମନୋନୀତ ହୋଇଛନ୍ତି । ସମ୍ପ୍ରତି ଜାତୀୟ ସାମ୍ବାଦିକ ୟୁନିଅନର ମହାସଚିବ ଏବଂ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ସଭାପତି ଥିବା ଶ୍ରୀ ମହାନ୍ତି ଦୀର୍ଘ ଦିନ ଧରି ଓଡ଼ିଶା ସାମ୍ବାଦିକତା ଜଗତରେ କାର୍ଯ୍ୟ କରି ଆସୁଛନ୍ତି । ଜଣେ ଆଗଧାଡ଼ିର ରାଜନୈତିକ ସମୀକ୍ଷକ ଭାବେ ବେଶ୍ ପରିଚିତ ଶ୍ରୀ ମହାନ୍ତି ଆଗାମୀ ତିନି ବର୍ଷ ପାଇଁ ପିସିଆଇ ସଭ୍ୟଭାବେ ମନୋନୀତ ହୋଇଛନ୍ତି ।

## ଭିମ୍‌ସାରରେ ଅମ୍ଳଜାନ ପ୍ଲାଣ୍ଟ ଉଦ୍‌ଘାଟିତ




ବୁର୍ଲା: କୋଭିଡ୍‌ର ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ପାଇଁ ଭିମସାର ପରିସରରେ ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମୋଡ଼ରେ ଏହାର ଉଦଘାଟନ କରିଥିବା ବେଳେ ସମ୍ବଲପୁର ସାଂସଦ ନୀତେଶ ଗଙ୍ଗଦେବ ଓ ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ସମେତ ଭିମସାର ଅଧିକାରୀମାନେ ଏଠାରେ ଉପସ୍ଥିତ ଥିଲେ । ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ସଂକ୍ରମଣ ବେଳେ ରୋଗୀଙ୍କ ଚିକିତ୍ସା ପାଇଁ ଅମ୍ଳଜାନ ଘୋର ଅଭାବ ପରିଲକ୍ଷିତ ହୋଇଥିଲା । ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଅମ୍ଳଜାନ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ରାଜ୍ୟ ସରକାର ଜମି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଇଛନ୍ତି ।

## ଏ ସଂଖ୍ୟାରେ..


କାଢ଼ା ପିଉଥିଲେ ସତର୍କ ରହନ୍ତୁ


ଓଜନ କମ୍ କରିବାରେ ସହାୟକ କାକୁଡି


ପେଟ ଚର୍ବି କମାଇବ ହଳଦୀ


କର୍କଟରୁ ରକ୍ଷା କରିବ କଦଳୀ ପତ୍ର


ଜହ୍ନିର ଉପକାରିତା

# ଦେଶରେ ଜଣେ ଶିକ୍ଷକରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ସ୍କୁଲ ଚାଲିଛି

ନୂଆଦିଲ୍ଲୀ : ଦେଶରେ ସରକାରୀ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ସେଥିଲାଗି ଦେଶରେ ମାଳ ମାଳ ହୋଇ ବେସରକାରୀ ସ୍କୁଲ ଗୁଡିକ ମୁଣ୍ଡ ଟେକୁଛି । ସରକାରୀ ସ୍କୁଲ ପ୍ରତି ଅଭିଭାବକମାନେ ମୁହଁ ମୋଡୁଛନ୍ତି । ସରକାରୀ ସ୍କୁଲ ପାଠପଢ଼ାରେ ମୁଖ୍ୟ ସମସ୍ୟା ପାଲଟିଛି ଶିକ୍ଷକ ଅଭାବ । ଦେଶରେ ସରକାରୀ ସ୍କୁଲର ଚିତ୍ର କେମିତି ରହିଛି ଏହାର ଏକ ଝଲକ ୟୁନେସ୍କୋ ରିପୋର୍ଟରୁ ଜଣାପଡିଛି । ଦେଶର ପାଖାପାଖି ୧୧ ଲକ୍ଷ ସ୍କୁଲରେ ଜଣେ ମାତ୍ର ଶିକ୍ଷକ ଥିବା ଦାବି କରିଛି ୟୁନେସ୍କୋ । ରିପୋର୍ଟ ଅନୁଯାୟୀ, ଦେଶରେ ସ୍କୁଲଗୁଡିକରେ ୧୧.୧୬ ଲକ୍ଷ ଅର୍ଥାତ୍ ୧୯ ପ୍ରତିଶତ ଶିକ୍ଷକ ପଦ ଖାଲି ପଡିଛି । ଏଥିରୁ ୬୯ ପ୍ରତିଶତ ଖାଲି ପଦ ଗ୍ରାମାଞ୍ଚଳ ସ୍କୁଲଗୁଡିକରେ ରହିଛି । ଦେଶର ତିନୋଟି ରାଜ୍ୟରେ ଏକ ଲକ୍ଷରୁ ଅଧିକ ଖାଲି ପଦ ରହିଛି । ଏଥିରେ ଉତ୍ତର ପ୍ରଦେଶରେ ଶିକ୍ଷକଙ୍କ ୩.୩ ଲକ୍ଷ ପଦ, ବିହାରରେ ୨୨ ଲକ୍ଷ ଏବଂ ପଶ୍ଚିମବଙ୍ଗରେ ୧୧ ଲକ୍ଷ ପଦ ଖାଲି ପଡିଛି । ୟୁନେସ୍କୋ ରିପୋର୍ଟରେ ଏହି ତିନୋଟି ରାଜ୍ୟକୁ ସବୁଠୁ ଖରାପ ମାନଦଣ୍ଡ ରାଜ୍ୟର ମାନ୍ୟତା ଦିଆଯାଇଛି । ବିହାରର ଗ୍ରାମାଞ୍ଚଳରେ ୮୯ ପ୍ରତିଶତ ଶିକ୍ଷକ ପଦବୀ ଖାଲିପଡିଛି । ଉତ୍ତର ପ୍ରଦେଶରେ ଏହି ସଂଖ୍ୟା ୮୦ ପ୍ରତିଶତ ଏବଂ ପଶ୍ଚିମବଙ୍ଗରେ ୬୯ ପ୍ରତିଶତ ଗ୍ରାମାଞ୍ଚଳ ଗୁଡିକରେ ଶିକ୍ଷକ ପଦ ଖାଲିପଡିଛି । ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଶିକ୍ଷକଙ୍କ ଅଭାବ ପୂରଣ ପାଇଁ ଭାରତକୁ ୧୧.୧୬ ଲକ୍ଷ ଅତିରିକ୍ତ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ପିଏଲଏଫଏସର ୨୦୧୮-୧୯ ର ତଥ୍ୟ ଆଧାରରେ ରିପୋର୍ଟରେ ଦର୍ଶାଯାଇଛି ଯେ, ସମସ୍ତ ରାଜ୍ୟଗୁଡିକରେ ଏକ ଲକ୍ଷ ୧୦ ହଜାର ୯୭୧ ସ୍କୁଲରେ କେବଳ ଜଣେ ମାତ୍ର ଶିକ୍ଷକ ଅଛନ୍ତି । ଏଥିରୁ ୬୯ ପ୍ରତିଶତ ସ୍କୁଲ ଗ୍ରାମାଞ୍ଚଳରେ ରହିଛି । ଅରୁଣାଚଳ ପ୍ରଦେଶ ଏବଂ ଗୋଆ ପରି ରାଜ୍ୟରେ ଏପରି ସ୍କୁଲ ସଂଖ୍ୟା ଅଧିକ ରହିଛି । ଏହି ରିପୋର୍ଟ ଅନୁଯାୟୀ ଅରୁଣାଚଳ ପ୍ରଦେଶରେ ଜଣେ ଶିକ୍ଷକ ଥିବା ସ୍କୁଲର ସଂଖ୍ୟା ୧୮.୨୨ ପ୍ରତିଶତ, ଗୋଆରେ ୧୬.୦୮ ପ୍ରତିଶତ, ତେଲେଙ୍ଗାନାରେ ୧୫.୭୧ ପ୍ରତିଶତ, ଆନ୍ଧ୍ର ପ୍ରଦେଶରେ ୧୪.୪ ପ୍ରତିଶତ, ଝାଡ଼ଖଣ୍ଡରେ ୧୩.୮୧ ଏବଂ ଉତ୍ତରାଖଣ୍ଡରେ ୧୩.୬୪ ପ୍ରତିଶତ ରହିଛି । ମଧ ପ୍ରଦେଶରେ ଏହି ସଂଖ୍ୟା ୧୩.୦୮ ପ୍ରତିଶତ ଏବଂ ରାଜସ୍ଥାନରେ ୧୦.୦୮ ପ୍ରତିଶତ ରହିଛି । ମଧପ୍ରଦେଶରେ ଜଣେ ଶିକ୍ଷକ ଥିବା ସ୍କୁଲ ସଂଖ୍ୟା ୨୧,୦୭୭ ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି ।

ଲିଙ୍ଗଗତ ଅନୁପାତରେ ଦେଶରେ ମହିଳା ଶିକ୍ଷକଙ୍କ ସଂଖ୍ୟା ପ୍ରାୟ ୫୦ ପ୍ରତିଶତ ରହିଛି । ଏହି ସଂଖ୍ୟା ସହରାଞ୍ଚଳ ଗ୍ରାମାଞ୍ଚଳ ମଧରେ ଅସନ୍ତୁଳ ରହି ଆସିଛି । ଆସାମ, ଝାଡ଼ଖଣ୍ଡ ଏବଂ ରାଜସ୍ଥାନରେ ୩୯ ପ୍ରତିଶତ ମହିଳା ଶିକ୍ଷକ ଅଛନ୍ତି । ତ୍ରିପୁରାରେ ଏହି ସଂଖ୍ୟା ୩୯ ପ୍ରତିଶତ ଏବଂ ଚଣ୍ଡିଗଡ଼ର ସର୍ବାଧିକ ସଂଖ୍ୟା ୮୨ ପ୍ରତିଶତ ରହିଛି । ଏହା ପରେ ଗୋଆରେ ୮୦ ପ୍ରତିଶତ, ଦିଲ୍ଲୀ ୭୪ ପ୍ରତିଶତ ଏବଂ କେରଳ ୭୮ ପ୍ରତିଶତ ମହିଳା ଶିକ୍ଷକ ରହିଛନ୍ତି । ଏହି ରିପୋର୍ଟ ଅନୁଯାୟୀ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମହିଳା ଶିକ୍ଷକଙ୍କ ସଂଖ୍ୟା ଅଧିକ ରହିଛି । ଗ୍ରାମାଞ୍ଚଳ ସ୍କୁଲ ପ୍ରାଥମିକ ବିଦ୍ୟାଳୟରେ ମାତ୍ର ୨୮ ପ୍ରତିଶତ ମହିଳା ଶିକ୍ଷକ ରହିଥିବା ବେଳେ ସହରାଞ୍ଚଳ ସ୍କୁଲରେ ଶିକ୍ଷୟିତ୍ରୀ ସଂଖ୍ୟା ୬୯ ପ୍ରତିଶତ ରହିଛି । ମାଧମିକ ସ୍କୁଲରେ ଗ୍ରାମାଞ୍ଚଳରେ ମହିଳା ଶିକ୍ଷକଙ୍କ ସଂଖ୍ୟା ୨୪ ପ୍ରତିଶତ ରହିଛି । ଏଥି ସହିତ ସହରାଞ୍ଚଳରେ ଏହା ୫୩ ପ୍ରତିଶତ ରହିଛି ।

# ଝାରସୁଗୁଡ଼ାରେ ଖୋଲିଲା ଏନ୍‌ସିସି ଆକାଶ ବାହିନୀ ପ୍ରଶିକ୍ଷଣ କେନ୍ଦ୍ର




ଝାରସୁଗୁଡ଼ା : ଆକାଶ ବାହିନୀ ଦିବସ ଅବସରରେ ଝାରସୁଗୁଡ଼ାରେ ରାଜ୍ୟର ଦ୍ୱିତୀୟ ଏନସିସି ଆକାଶ ବାହିନୀ ପ୍ରଶିକ୍ଷଣ କେନ୍ଦ୍ର ରାଜ୍ୟ ଏନସିସି ଡେପୁଟି ଡାଇରେକ୍ଟର ଜେନେରାଲ କମାଣ୍ଡର ସୋମେନ ବାନାର୍ଜୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି । ସ୍ଥାନୀୟ ମାଳିମୁଣ୍ଡା ସ୍ଥିତ ଷ୍ଟାଡିୟମରେ ଏହାର ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲା ଯାଇଛି । ସେହିପରି ସ୍ଥାନୀୟ ଲକ୍ଷ୍ମୀ ନାରାୟଣ କଲେଜରେ ଖୋଲା ଯାଇଥିବା ଏହାର ଏକ ପ୍ରଶିକ୍ଷଣ କେନ୍ଦ୍ର ଶାଖାକୁ ଏନସିସି ମୁଖ୍ୟ କମାଣ୍ଡର ବାନାର୍ଜୀ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ସମ୍ବଲପୁର ଏନସିସି ଗ୍ରୁପ୍ କର୍ନେଲ ଏଏସଏସନ୍ ରାଓ, ଝାରସୁଗୁଡ଼ା ଏନସିସି ୱିଙ୍ଗ୍ କମାଣ୍ଡର ଦେବାଶିଷ ମଙ୍ଗରାଜ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଓଏସଏପି ଦ୍ୱିତୀୟ ବାଟାଲିୟନ୍ କମାଣ୍ଡାଣ୍ଟ ଆଶିଷ କୁମାର ଦୁବେ, ଲେଫ୍‌ଟନାଣ୍ଟ ବିଭୂତି ଭୂଷଣ ଦାସ, କଲେଜ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଏହି କେନ୍ଦ୍ରରେ ପଶ୍ଚିମ ଓଡ଼ିଶା ସମେତ ୧୭ ଜିଲ୍ଲାର ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିବେ । ପ୍ରଶିକ୍ଷଣ ପରେ ସେମାନେ ଏୟାର ଫୋର୍ସରେ ନିଯୁକ୍ତି ପାଇ ପାରିବେ ବୋଲି କୁହାଯାଇଛି । ପୂର୍ବରୁ ଓଡ଼ିଶାର ଭୁବନେଶ୍ୱରରେ ଏହାର ପ୍ରଶିକ୍ଷଣ କେନ୍ଦ୍ର ରହିଛି । ଆଉ ଏକ ଏନସିସି ଏୟାର ୱିଙ୍ଗ୍ କେନ୍ଦ୍ର ଖୋଲିବା ପାଇଁ କେନ୍ଦ୍ର ସରକାର ପ୍ରୟାସ କରିଥିଲେ । ଏହି ପ୍ରକ୍ରିୟା ୨୦୧୪-୧୫ ରୁ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ୭ ବର୍ଷ ପରେ ଏହା ସମ୍ଭବପର ହୋଇ ପାରିଛି । ରାଜ୍ୟରେ ଦ୍ୱିତୀୟ ବିମାନ ବନ୍ଦର ଝାରସୁଗୁଡ଼ାରେ ପ୍ରତିଷ୍ଠା ହୋଇ ଥିବାରୁ ଏଠାରେ ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା । କେନ୍ଦ୍ର ଖୋଲିବା ପାଇଁ ଝାସରୁଗୁଡ଼ା ଭିଏସଏସ୍ ବିମାନ ବନ୍ଦର ନିକଟରେ ୧୦ ଏକର ଜମି ନିଆଯାଇଛି । ଏଠାରେ ସ୍ଥାୟୀ କାର୍ଯ୍ୟାଳୟ ଖୋଲଯିବ ବୋଲି ଜଣା ପଡିଛି ।

## ଏମ୍‌ସିଏଲରେ ରାଜଭାଷା ପକ୍ଷ ପାଳିତ

ବୁର୍ଲା : ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡରେ ରାଜଭାଷା ପକ୍ଷ ପାଳିତ ହୋଇଯାଇଛି । ଏମସିଏଲ ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନାଙ୍କ ନେତୃତ୍ୱରେ ଏହି ଦିବସ ମହା ସମାରୋହରେ ପାଳିତ ହୋଇଥିଲା । ଏହି ଅବସରରେ ବୈଷୟିକ ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ନିର୍ଦ୍ଦେଶକ ବବନ ସିଂ, ପିକେ ସିଂହ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଜେନେରାଲ ମ୍ୟାନେଜର ସୋମେନ ଘୋଷ ସ୍ୱାଗତ ଭାଷଣ ଦେଇଥିଲେ । ଏହି ସମୟ ମଧରେ ୦୬ ମନୋନୀତ କାର୍ଯ୍ୟାଳୟ ଏବଂ ୦୬ ମୁଖ୍ୟାଳୟର ମନୋନୀତ ବିଭାଗଗୁଡିକ ଏମସିଏଲ ରାଜଭାଷା କାର୍ଯ୍ୟାନ୍ୱୟନ ପୁରସ୍କାର ୨୦୨୦-୨୧ ପାଇଁ ସିଲଡ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହା ପରେ ଅନୁଷ୍ଠିତ କବି ସମ୍ମିଳନୀରେ କବି କୃଷ୍ଣ ମୁରାରୀ ପ୍ରସାଦ, ଅନୀଲ ଦାସ, ପ୍ରକାଶ ସୋନି, ରାଜେଶ କରଡ଼େ, ମେଭାଲାଲ ପାସୱାନ, ଚିତ୍ତରଞ୍ଜନ ନାହକ, ଏସ.କେ. ତ୍ରିପାଠୀ ଏବଂ ମୁନମୁନ୍ ଅଗ୍ରୱାଲ ତାଙ୍କର କବିତା ପାଠ କରିଥିଲେ ।

# ସରକାରୀ କର୍ମଚାରୀ ଓ ପେନସନ ଭୋଗୀଙ୍କୁ ରାଜ୍ୟସରକାରଙ୍କ ପୂଜା ଭେଟି ଜୁଲାଇରୁ ୧୧% ମହଙ୍ଗା ଭତ୍ତା ପାଇବେ

ଭୁବନେଶ୍ୱର : କୋଭିଡ ମହାମାରୀ କାରଣରୁ ଦଶହରା ପୂଜା ପାଳନରେ ସରକାର କଟକଣା ଜାରି କରିଥିଲା ବେଳେ ସରକାରୀ କର୍ମଚାରୀଙ୍କୁ କିନ୍ତୁ ପୂଜା ଉପହାର ସ୍ୱରୂପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କର୍ମଚାରୀମାନଙ୍କ ପାଇଁ ୧୧ ପ୍ରତିଶତ ଅଧିକ ମହଙ୍ଗା ଭତ୍ତା ଘୋଷଣା କରିଛନ୍ତି । ପିଛିଲା ଭାବେ ଜୁଲାଇ ମାସରୁ ହିସାବ କରି ଏହି ଟଙ୍କା ନଗଦ ଆକାରରେ ଚଳିତ ମାସ ଦରମାରେ ଦିଆଯିବ । ସରକାରଙ୍କ ଏହି ନିଷ୍ପତ୍ତି ଫଳରେ କର୍ମଚାରୀଙ୍କ ମହଙ୍ଗା ଭତ୍ତା ପରିମାଣ ୧୭ ପ୍ରତିଶତରୁ ୨୮ ପ୍ରତିଶତରେ ପହଞ୍ଚିଛି । ରାଜ୍ୟରେ ପ୍ରାୟ ୪ ଲକ୍ଷ ସରକାରୀ କର୍ମଚାରୀ ଓ ସାଢ଼େ ୩ ଲକ୍ଷ ଅବସରପ୍ରାପ୍ତ କର୍ମଚାରୀ ବା ପେନସନ ଭୋଗୀ ରହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଫଳରେ ଏହି ସମସ୍ତ ସାଢ଼େ ୭ ଲକ୍ଷ ହିତାଧିକାରୀ ଏଥିରେ ଉପକୃତ ହେବେ । ଅକ୍ଟୋବରରୁ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଦିଆଯିବା ବେଳେ ପିଛିଲା ୩ ମାସର (ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର) ମହଙ୍ଗା ଭତ୍ତା ନଗଦ ଆକାରରେ ପ୍ରଦାନ କରାଯିବ ।

ସରକାର କର୍ମଚାରୀଙ୍କ ଗୋଷ୍ଠୀ ବୀମା ଯୋଜନା ବା ଜିଆଇଏସ୍ ଦେୟରେ ମଧ ସଂଶୋଧନ କରିଛନ୍ତି । ଫଳରେ ଚାକିରୀରେ ଥାଇ ମୃତ୍ୟୁବରଣ କଲେ ଅଧିକ ପରିମାଣର ଅନୁକମ୍ପା ସହାୟତା ପରିବାରକୁ ମିଳିବ । ସେହିପରି ଚାକିରୀରେ ଥାଇ ମୃତ୍ୟୁ ହେଲେ ଅନ୍ତ୍ୟେଷ୍ଟି ପାଇଁ ମଧ ସରକାର ଅଧିକ ସହାୟତା ଦେବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି ।

ନୂଆ ନିଷ୍ପତ୍ତି ଅନୁଯାୟୀ ୪୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ ପାଉଥିବା ସରକାରୀ କର୍ମଚାରୀମାନଙ୍କୁ ଗୋଷ୍ଠୀ ବୀମା ଯୋଜନା ବାବଦରେ ଏଣିକି ୭୫୦୦ ଟଙ୍କା ବଦଳରେ ୨୦ ହଜାର ଟଙ୍କା ଦେବାକୁ ହେବ । ସେହିପରି ୫୪୦୦ ବା ତଦୁର୍ଦ୍ଧ୍ୱ ଗ୍ରେଡ ପେ ପାଉଥିବା କର୍ମଚାରୀଙ୍କ ବୀମା ଦେୟ ୧୨ ହଜାର ବଦଳରେ ୩୦ ହଜାର ଟଙ୍କା ହେବ । ଫଳରେ ଚାକିରୀରେ ଥାଇ କାହାରି ମୃତ୍ୟୁ ଘଟିଲେ ଅନୁକମ୍ପା ସହାୟତା ପରିମାଣ ଅଧିକ ମିଳିବ । ୪୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ ପାଉଥିବା କର୍ମଚାରୀଙ୍କ ମୃତ୍ୟୁରେ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ମିଳୁଥିବା ବେଳେ ସଂଶୋଧିତ ନିଷ୍ପତ୍ତି ଅନୁସାରେ ଏବେ ୪ ଲକ୍ଷ ଟଙ୍କା ମିଳିବ । ସେହିପରି ୫୪୦୦ ଟଙ୍କା ବା ତଦୁର୍ଦ୍ଧ୍ୱ ଗ୍ରେଡ୍ ପେର କର୍ମଚାରୀଙ୍କ ମୃତ୍ୟୁ ହେଲେ ଏବେ ଅଢ଼େଇ ଲକ୍ଷ ଟଙ୍କା ପରିବାରକୁ ମିଳୁଥିଲା ବେଳେ ସଂଶୋଧିତ ନିଷ୍ପତ୍ତିରେ ୬ ଲକ୍ଷ ଟଙ୍କା ମିଳିବ ।

ସେହିପରି ଯେକୌଣସି ବୀମାଭୁକ୍ତ ସରକାରୀ କର୍ମଚାରୀଙ୍କ ମୃତ୍ୟୁରେ ଅନ୍ତ୍ୟେଷ୍ଟି ପାଇଁ ବର୍ତ୍ତମାନ ସରକାର ୫ ହଜାର ଟଙ୍କା ଦେଉଥିବା ବେଳେ ନୂଆ ନିଷ୍ପତ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରିବେ । ଜିଆଇଏସ୍ ବା ଗୋଷ୍ଠୀ ବୀମା ଯୋଜନାରେ ସରକାରୀ କର୍ମଚାରୀଙ୍କ ଠାରୁ ୧୦ ଟି କିସ୍ତିରେ ଦେୟ ନିଆଯିବ । ତାହା ଦରମାରୁ କଟାଯିବ ବୋଲି ଜଣାପଡିଛି ।

## ଭାଗବତ
### ଉଦ୍ଧବାଗମନ ପ୍ରସଙ୍ଗ

ଆଉ ଜଣେ ଗୋପୀ ତା ସଖୀକୁ କହୁଥିଲା, 'ତୁ ଯାହା କହ ପଛେ, ମତେ ପରା କହ୍ନେଇ ସବୁଆଡ଼େ ଦେଖାଯାଉଛି ଲୋ, ସେ ମଥୁରାକୁ ଆଦୌ ଯାଇ ନାହିଁ । କାଲି କ'ଣ ହେଲା ନା, ସନ୍ଧ୍ୟାବେଳେ ମୋତେ ଯମୁନାରୁ ପାଣି ଆଣିବାକୁ ଯିବାକୁ ପଡିଲା । ଅନ୍ଧାରୁଆ ହୋଇ ଆସିଥିଲା, ମୋତେ ଡର ବି ଲାଗୁଥିଲା । କ'ଣ ଆଉ କହିବି ଲୋ ସଖୀ । ଏହି ସମୟରେ କହ୍ନେଇ କେଉଁଠି ଥିଲା କେଜାଣି, ମୋ ପାଖରେ ପହଞ୍ଚି ମୋ ମୁଣ୍ଡକୁ ମାଠିଆ ଟେକିଦେଲା । ଆଉ ମୋ ସହିତ କଥାବାର୍ତ୍ତା କରି କରି ଆମ ଘର ଦାଣ୍ଡରେ ଛାଡିଦେଇ ଗଲା । ସେ ଯାହା ଯାହା କଥା ହୋଇଥିଲା ମୋର ସବୁ ମନେ ଅଛି । ତାର ସେତେବେଳର ରୂପ ଏବେ ବି ମୁଁ ଦେଖି ପାରୁଛି, ମୁଁ କିମିତି ତାକୁ ଭୁଲିବି କିଲୋ । ତା ସହିତ ଦିନେ କଥା ନ ହେଲେ ମୋତେ କେମିତି କେମିତି ଲାଗୁଛି ପରା ।

ମହାନ ମହାନ ସାଧୁ, ତପସ୍ୱୀ ଓ ଯୋଗୀ ବର୍ଷ ବର୍ଷ ଧରି ସାଧନା କରନ୍ତି ସଂସାର ତ୍ୟାଗ କରିବା ପାଇଁ, ସଂସାରକୁ ଭୁଲିଯିବା ପାଇଁ, ତେବେ ବି ସେମାନେ ଅକୃତ କାର୍ଯ୍ୟ ହୋଇଥାନ୍ତି । ସେମାନଙ୍କର ବୃତ୍ତି ପ୍ରଭୁମୟ ହୋଇପାରେ ନାହିଁ । ଅପରପକ୍ଷରେ ଗୋପୀମାନେ ଚେଷ୍ଟାକରି ସୁଦ୍ଧା ସଂସାର କଥା ମନେ ରଖି ପାରୁ ନ ଥାନ୍ତି, ସଂସାର ଭିତରେ ରହି ସୁଦ୍ଧା ସଂସାର ବିଷୟରେ ବିସ୍ମୃତ ରହିଥାନ୍ତି । ସେମାନେ ଚେଷ୍ଟା କରି ସୁଦ୍ଧା କ୍ଷଣକ ପାଇଁ କୃଷ୍ଣଙ୍କୁ ଭୁଲି ପାରୁ ନ ଥାନ୍ତି । ପ୍ରଭୁଙ୍କୁ ଭୁଲିଯିବା ପାଇଁ ଯେତେ ଚେଷ୍ଟା କଲେ ବି ଅକୃତ କାର୍ଯ୍ୟ ରହିଥାନ୍ତି ।

ଯେ କୌଣସି ବସ୍ତୁର ଅଭାବ ଅନୁଭବ କରାଯାଇ ପାରେ, କିନ୍ତୁ ଆତ୍ମାର ନୁହେଁ । ଶ୍ରୀକୃଷ୍ଣ ହେଉଛନ୍ତି ଗୋପୀଙ୍କର ଆତ୍ମା, ତେଣୁ ସେମାନେ ତାଙ୍କୁ ଭୁଲି ପାରୁ ନ ଥାନ୍ତି ।

ଗୋପୀମାନଙ୍କର ଏପରି କଥାବାର୍ତ୍ତା ହେଉଥିବା ସମୟରେ ଉଦ୍ଧବ ଯମୁନା ସ୍ନାନ ସାରି କୃଷ୍ଣଚନ୍ଦ୍ର ଦେଇଥିବା ପୀତାମ୍ବର ଆଉ ବୈଜୟନ୍ତୀମାଳା ପରିଧାନ କରି ଆସିଲେ । ଗୋପୀମାନେ ଉଦ୍ଧବଙ୍କୁ ଦେଖିଲେ । ସେମାନେ ତାଙ୍କୁ ପ୍ରଣାମ କଲେ । ଉଦ୍ଧବ ନିଜର ପରିଚୟ ଦେବାକୁ ଯାଇ କହିଲେ 'ମୁଁ ତୁମମାନଙ୍କର ମଥୁରାବାସୀ କୃଷ୍ଣଚନ୍ଦ୍ରଙ୍କର ଅନ୍ତରଙ୍ଗ ସଖା ଉଦ୍ଧବ । ତୁମ ପାଖକୁ ତାଙ୍କର ଖବର ନେଇ ଆସିଛି ।

ଗୋପୀମାନେ ହାତପାପୁଲି ଦେଖାଇ କହିଲେ, 'ତୁମେ ଗୋଟେ ଭଣ୍ଡ ପଣ୍ଡିତ । ହଇହୋ, କୃଷ୍ଣ ଚନ୍ଦ୍ର କ'ଣ କେବଳ ମଥୁରାରେ ରହିଥାନ୍ତି । ସେ ତ ସର୍ବତ୍ର ବିରାଜମାନ କରୁଥାନ୍ତି । ତୁମକୁ କେବଳ ମଥୁରାରେ କୃଷ୍ଣଚନ୍ଦ୍ର ଦେଖାଯାଉଛନ୍ତି, ଆଉ ଆମକୁ ଏଠାରେ, ସର୍ବତ୍ର ପ୍ରତ୍ୟେକ ଅଣୁରେ କୃଷ୍ଣଚନ୍ଦ୍ର ଦେଖା ଯାଉଛନ୍ତି ।

ସେଠିକି ଦେଖ । କଦମ୍ବ ଗଛ ଉପରେ ବସି କହ୍ନେଇ ବଇଁଶୀ ବଜାଉଛି । ତୁମକୁ କ'ଣ ଦେଖା ଯାଉନି ? ତୁମକୁ କ'ଣ କିଛି ଦେଖାଯାଉନି ?

ସେଠିକି ଦେଖ । କଦମ୍ବ ଗଛ ଉପରେ ବସି କହ୍ନେଇ ବଇଁଶୀ ବଜାଉଛି । ତୁମକୁ କ'ଣ ଦେଖା ଯାଉନି ?

ହେ ଉଦ୍ଧବ ! ତୁମର ଯଦି ଶ୍ରୀକୃଷ୍ଣଙ୍କ ସହିତ ସାକ୍ଷାତକାର ହୋଇଥାନ୍ତା ତେବେ ତୁମେ ତାଙ୍କୁ ସେଠାରେ ଛାଡି ଏଠାକୁ କଦାପି ଆସି ନ ଥାନ୍ତେ । ତା ନ ହେଲେ ତୁମେ ତାଙ୍କୁ



ଏଠାରେ ମଧ ଦର୍ଶନ କରୁଥାଆନ୍ତ ।

ଦାନ, ବ୍ରତ, ତପ, ହୋମ, ଜପ, ବେଦାଧ୍ୟୟନ, ଧ୍ୟାନ, ଧାରଣା, ସମାଧି ତଥା ଅନ୍ୟ ସମସ୍ତ ପ୍ରକାର ସାଧନା ଦ୍ୱାରା ଈଶ୍ୱରଙ୍କ ସାକ୍ଷାତକାର ନିମନ୍ତେ ପ୍ରଯତ୍ନ କରୁଥିବା ଆବଶ୍ୟକ । ସେ ସମସ୍ତ ସାଧନା ଭଗବାନ ପ୍ରାପ୍ତି ନିମନ୍ତେ ହିଁ କରା ହେଉଥାଏ ।

ଏହି ଗୋପୀମାନେ ଜପ ତପ କିଛି ନ କରି କେବଳ ପ୍ରେମଭକ୍ତି ଦ୍ୱାରା ଭଗବାନଙ୍କୁ ପାଇ ଯାଇଛନ୍ତି । ସେମାନେ ଅକ୍ଳେଶରେ ସବୁ ପାଇ ଯାଇଛନ୍ତି ।

ଦାନ, ବ୍ରତ, ଜପ, ତପ ଆଦି ମନକୁ ଏକାଗ୍ର କରିବା ପାଇଁ ଉଦ୍ଦିଷ୍ଟ । ଏ ସମସ୍ତ ସାଧନାର ପ୍ରୟୋଗ ପରେ ବି ଯଦି ଭଗବାନଙ୍କ ଉଦ୍ଦେଶ୍ୟରେ ମନ ଏକାଗ୍ର ନ ହୁଏ, ତେବେ ତାହା ସବୁ ବ୍ୟର୍ଥ ହୋଇଛି ବୋଲି ବୁଝିବାକୁ ହେବ ।

ଗୋପୀଙ୍କୁ ବ୍ୟାପକ ନିର୍ଗୁଣ ବ୍ରହ୍ମର ଉପଦେଶ ଦେବାକୁ ଉଦ୍ଧବ ସ୍ଥିରକଲେ । ସେ କହିଲେ, ନିର୍ଗୁଣ ବ୍ରହ୍ମର ଉପାସନା କର ।

ଉଦ୍ଧବଙ୍କ ଠାରୁ ଏପରି ଉପଦେଶ ଶୁଣି ଗୋପୀମାନେ କହିଲେ, ହେ ଉଦ୍ଧବ । ଯେଉଁ ଆନନ୍ଦ ପ୍ରଭୁ ଆମକୁ ପ୍ରଦାନ କରିଛନ୍ତି ସେପରି ଆନନ୍ଦ ଆମେ ଆପଣଙ୍କ ପୋଥିଜ୍ଞାନରୁ ପାଇପାରିବୁ ନାହିଁ । ଆମେ କୃଷ୍ଣକଥା ମନେ ପକାଉଥିବା ଛଡ଼ା ଅନ୍ୟ କିଛି କରିବୁ ନାହିଁ । ଆମେମାନେ ସମସ୍ତେ ଗାଉଁଲି ଅପାଠୁଆ ଲୋକ । ଆପଣଙ୍କର ସଗୁଣ ନିର୍ଗୁଣ ବ୍ରହ୍ମ ଆପଣଙ୍କ ପାଖରେ ହିଁ ଥାଉ । ଆମେ କୃଷ୍ଣ ପ୍ରେମରେ ତନ୍ମୟ ରହିଛୁ, ଆଉ ସେ ଆମକୁ ପ୍ରତ୍ୟକ୍ଷ ଦର୍ଶନ ଦେଉଛନ୍ତି । ଆପଣଙ୍କର ନିର୍ଗୁଣ ବ୍ରହ୍ମଙ୍କୁ ଉପାସନା କରିବା ପାଇଁ ଆମେ ମନ ଆଉ ଚିତ୍ତ ଆଣିବୁ କେଉଁଠୁ ? ଆମର ଚିତ୍ତ, ଯାହା ଆମ ପାଖରେ ଥିଲା, ତାହାକୁ କହ୍ନେଇ ଚୋରି କରି ନେଇଛି ।

'ହେ ଉଦ୍ଧବ ! ଭଗବାନ ତ ଆଉ ଦଶ ପନ୍ଦରଟା ମନ ତିଆରି କରି ଆମକୁ ଦେଇ ନାହାନ୍ତି, ଆମେ ପାଖରେ ଗୋଟିଏ ଗୋଟିଏ ମନ ଥିଲା, ଆଉ ତାକୁ ଶ୍ୟାମ ସୁନ୍ଦର, ମୁରଲୀମନୋହର ଉଡାଇ ନେଇଛନ୍ତି । ଆମେ ଆପଣଙ୍କର ନିର୍ଗୁଣ ବ୍ରହ୍ମର ଉପାସନା କରିବୁ କେଉଁ ମନରେ ? ସେହି ଚିତ୍ତଚୋର ନନ୍ଦନନ୍ଦନ ବ୍ୟତୀତ ଆମ ପାଇଁ ଆଉ ଅନ୍ୟ କେହି ଈଶ୍ୱର ନାହାନ୍ତି । ସେ ହିଁ କେବଳ ଆମର ଈଶ୍ୱର, ସେ ହିଁ ଆମର ସର୍ବସ୍ୱ ।

ହେ ଉଦ୍ଧବ ! ସେ କୃଷ୍ଣର କଥା ଆଉ ଅଧିକ କୁହନ୍ତୁ ନାହିଁ । ସେହି କପଟି କଳା କାହ୍ନୁର ମିତ୍ରତା ଆମର ଦରକାର ନାହିଁ । ସେ ଆମର ହୃଦୟକୁ ବିଦୀର୍ଣ୍ଣ କରି ଦେଇ ଯାଇଛି । କଳା କାହ୍ନୁ ଆମ ହୃଦୟକୁ ବିଦୀର୍ଣ୍ଣ କରି ପକାଇଛି । ଆମକୁ କ୍ଷତବିକ୍ଷତ କରି ପକାଇଛି, ତେବେ ବି ଆମେ ତାକୁ ଭୁଲିଯିବାକୁ ଅକ୍ଷମ । ହେ ଉଦ୍ଧବ ! ତା କଥା ଆମେ ଆଉ ଅଧିକ କ'ଣ କହିବୁ, ସର୍ବପ୍ରଥମ ଦର୍ଶନ ନନ୍ଦ ମହୋତ୍ସବରେ ଆମର ତା ସହିତ ହେଲା । ସେହି ଦିନଠାରୁ ସେ ଆମକୁ ଏପରି ଯାଦୁ କରି ଦେଇଛି ଯେ ଆମେ ମୁହୂର୍ତ୍ତକ ପାଇଁ ତାକୁ ଭୁଲିପାରୁ ନାହୁଁ ।

ହେ ଉଦ୍ଧବ ! ଆମର ଏହି ହୃଦୟରେ ଆଉ କାହା ପାଇଁ ସ୍ଥାନ ନାହିଁ । ଖାଇବା ପିଇବା ବେଳେ ଯିବା ଆସିବା ବେଳେ, ଶୋଇବା ଉଠିବା ବେଳେ ପ୍ରତ୍ୟେକ ସମୟରେ ଆମେ କେବଳ ତା' କଥା ହିଁ ଭାବୁଥାଉ । ତା'ର ଅପୂର୍ବ ସୁନ୍ଦର ରୂପ ଆମ ଆଗରେ ନାଚୁଥାଏ ।

ହେ ଉଦ୍ଧବ ! କୃଷ୍ଣଚନ୍ଦ୍ର ଆମକୁ ରାସରେ ମହାନନ୍ଦ ପ୍ରଦାନ କରିବା ପରେ ଆମକୁ ଏବେ ଭୁଲି ଯାଇଛନ୍ତି । ସେ ଏମିତି କଲେ କାହିଁକି ?

ଗୋପୀମାନଙ୍କ ମୁହଁରୁ ଏପରି କଥାଶୁଣି ଉଦ୍ଧବ କହିଲେ, ନା, ନା ମୋ ସ୍ୱାମୀ ତୁମ ସମସ୍ତଙ୍କୁ ବହୁତ ବହୁତ ମନେ ପକାଉଛନ୍ତି ।

ଗୋପୀମାନେ କହିଲେ, ହେ ଉଦ୍ଧବ ! ଶ୍ରୀକୃଷ୍ଣଙ୍କ ମୂଳସ୍ୱରୂପ ବିଷୟରେ ତୁମର ଯଦି କିଛି ପ୍ରକୃତ ଜ୍ଞାନ ଥାଆନ୍ତା ତା ହେଲେ ତୁମେ ଏଠାକୁ ଆଦୌ ଆସି ନ ଥାନ୍ତ । ବ୍ରହ୍ମଜ୍ଞାନ ତୁମକୁ ଖୁବ୍ ସାହସ, ଦମ୍ଭ ଦେଇଛି । ଯିଏ ତାଙ୍କର ପ୍ରକୃତ ରୂପକୁ ଦର୍ଶନ କରିଛି ସେ ତାଙ୍କୁ କଦାପି ଛାଡି ପାରିବ ନାହିଁ । ତୁମେ ତାଙ୍କୁ ଛାଡି ଆସିଛ, ତେଣୁ ତୁମେ ତାଙ୍କର ପ୍ରକୃତ ରୂପ ଦର୍ଶନ କରି ନ ଥିବା ଆମେ ଜାଣୁଛୁ ।

--୦୦--

## ଦୁର୍ଗାଂ ଦେବୀଂ ଶରଣମହଂ ପ୍ରପଦ୍ୟେ

ଭାରତୀୟ ସଂସ୍କୃତିରେ ବହୁ ପ୍ରାଚୀନ କାଳରୁ ଶକ୍ତି ପୂଜା ପ୍ରଚଳିତ ଶକ୍ତିପୂଜାରେ ଦେବୀଙ୍କର ଦୁର୍ଗା ଓ କାଳୀ ଦୁଇଟି ପ୍ରଧାନ ନାମର ଉଲ୍ଲେଖ ରହିଛି ।

'ତୈତ୍ତରୀୟ ଆରଣ୍ୟକ'ରେ ଦୁର୍ଗାଙ୍କ ସମ୍ବନ୍ଧରେ ଯେଉଁ ବର୍ଣ୍ଣନା କରାଯାଇଛି ତାହା ଗୁରୁତ୍ୱପୂର୍ଣ୍ଣ ।

ତାମ୍ ଅଗ୍ନିବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳେଷୁଜୁଷ୍ଟାମ୍

ଦୁର୍ଗାଂ ଦେବୀଂ ଶରଣମହଂ ପ୍ରପଦ୍ୟେ ସୁତରସି ତରସେ ନମଃ ।

ଅର୍ଥାତ୍: ଅଗ୍ନିବର୍ଣ୍ଣା, ତପପ୍ରଦୀପ୍ତା, ସୂର୍ଯ୍ୟକନ୍ୟା ଯେଉଁ ଦେବୀଙ୍କୁ କର୍ମଫଳର ପୁରସ୍କାର ପ୍ରଦାନ ପାଇଁ ପ୍ରାର୍ଥନା କରାଯାଏ, ଆମ୍ଭେମାନେ ସେହି ଦୁର୍ଗାଦେବୀଙ୍କର ଶରଣାପନ୍ନ ହେଉଛୁ । ସେହି ଉତ୍ତମ ଭାବରେ ତ୍ରାଣ କରିବା ଦେବୀଙ୍କୁ ଆମେ ନମସ୍କାର କରୁଛୁ । ବାସ୍ତବରେ ପୌରାଣିକ ଯୁଗରେ ଯେଉଁ ସମସ୍ତ ଦୁର୍ଗାସ୍ତବରେ ଦେବୀଙ୍କର ତ୍ରାଣକାରିଣୀ ଓ ସିଦ୍ଧିଦାୟିନୀ ସ୍ୱରୂପ ପ୍ରକାଶିତ ହୋଇଛି ଉକ୍ତ ରୂପ ବୈଶିଷ୍ଟ୍ୟ ପ୍ରଥମେ ଉପରୋକ୍ତ ବୈଦିକ ସାହିତ୍ୟରେ



ମିଳିଥାଏ । ଏପରିକି ଅନେକ ଗବେଷକ ଦୁର୍ଗାଙ୍କୁ ଯଜ୍ଞାଗ୍ନିସମ୍ଭୂତା ରୂପେ ବର୍ଣ୍ଣନା କରିଛନ୍ତି ।

ମୂଳ ବାଲ୍ମୀକୀ ରାମାୟଣରେ ଦୁର୍ଗାପୂଜା ସମ୍ପର୍କରେ ବିଶେଷ ଉଲ୍ଲେଖ ନାହିଁ । କିନ୍ତୁ ବଙ୍ଗଳାର 'କୃତିବାସ ରାମାୟଣ'ରେ ରାମଚନ୍ଦ୍ର ରାବଣବଧ ପାଇଁ ଅସମୟରେ ଅର୍ଥାତ୍ ଶରତକାଳରେ ଦେବୀ ଦୁର୍ଗାଙ୍କୁ ଆରାଧନା କରିଥିଲେ ବୋଲି ବର୍ଣ୍ଣନା କରାଯାଇଛି । ଏହାର ଅନୁକରଣରେ ବହୁ ପ୍ରାଚୀନ କାଳରୁ ଭାରତବର୍ଷରେ ବିଭିନ୍ନ ଗ୍ରାମ ଓ ସହରରେ ସାର୍ବଜନୀନ ଦୁର୍ଗାପୂଜା ପାଳିତ ହୋଇ ଆସୁଛି ।

ମହାଭାରତରେ ଦୁଇଟି ଦୁର୍ଗାସ୍ତୋତ୍ର ଦେଖିବାକୁ ମିଳେ । ପ୍ରଥମଟି ବିରାଟପର୍ବ ଅନ୍ତର୍ଭୁକ୍ତ ଯୁଧିଷ୍ଠିରକୃତ ଦୁର୍ଗାସ୍ତବ ଓ ଅନ୍ୟଟି ଭୀଷ୍ମପର୍ବ ଅନ୍ତର୍ଭୁକ୍ତ ଅର୍ଜୁନକୃତ ଦୁର୍ଗାସ୍ତୋତ୍ର । ଏତଦ୍‌ବ୍ୟତୀତ ମହାଭାରତରେ ପରିଶିଷ୍ଟ ହରିବଂଶର ବିଷ୍ଣୁପର୍ବର ତୃତୀୟ ଅଧ୍ୟାୟରେ 'ଆର୍ଯ୍ୟାସ୍ତବ'ରେ ମଧ ଦେବୀଙ୍କର ମହିମା ବର୍ଣ୍ଣନା କରାଯାଇଛି । ଏଥିରେ ଯାହା କୁହାଯାଇଛି-

**ଆର୍ଯ୍ୟାସ୍ତବଂ ପ୍ରବକ୍ଷାମି ଯଥୋକ୍ତଂ ଋଷିଭି ପୁରା**
**ନାରାୟଣୀଂ ନମସ୍ୟାମି ଦେବୀଂ ତ୍ରିଭୁବନେଶ୍ୱରୀମ୍ ଇତ୍ୟାଦି ।**

ଯୁଧିଷ୍ଠିରକୃତ ଦୁର୍ଗାସ୍ତବରେ ଦେବୀଙ୍କୁ ନାରାୟଣ ବରପ୍ରିୟା, ନନ୍ଦଗୋପକୁଳେଜାତା, କୁଳବର୍ଦ୍ଧିନୀ, କଂସବିଦ୍ରାବଣକରୀ, ଅସୁରନାଶିନୀ ପ୍ରଭୃତି ଶବ୍ଦରେ ବର୍ଣ୍ଣନା କରାଯାଇଛି । ଏଥିରେ ଦେବୀଙ୍କୁ ବିନ୍ଧ୍ୟପର୍ବତବାସିନୀ, କାଳୀ, ମହାକାଳୀ ଓ ଭକ୍ତମାନଙ୍କୁ ନାନାବିଧ ଦୁର୍ଗତିରୁ ଉଦ୍ଧାର କରୁଥିବା ଦେବୀ ଦୁର୍ଗାରୂପେ ଆବାହନ କରାଯାଇଛି । ଅର୍ଜୁନକୃତ ଦୁର୍ଗାସ୍ତବରେ ଦେବୀଙ୍କୁ ଆର୍ଯ୍ୟା, ମନ୍ଦରବାସିନୀ, କୁମାରୀ, କାଳୀ, କାପାଳୀ, ଭଦ୍ରକାଳୀ, ମହାକାଳୀ, ଚଣ୍ଡୀ, କାତ୍ୟାୟନୀ, କରାଳୀ, ନନ୍ଦଗୋପକୁଳୋଦଭବା, ଶାକମ୍ଭରୀ, ବ୍ରହ୍ମବିଦ୍ୟା, ସାବିତ୍ରୀ, ବେଦମାତା, ସ୍କନ୍ଦମାତା ପ୍ରଭୃତି ନାନାବିଧ ଶବ୍ଦରେ ଆବାହନ କରାଯାଇଛି ।

ମାର୍କଣ୍ଡେୟ ପୁରାଣର ଦେବୀ ମାହାତ୍ମ୍ୟ ରୂପେ କଥିତ 'ଶ୍ରୀ ଶ୍ରୀଚଣ୍ଡୀ'ରେ ବ୍ରହ୍ମା ସ୍ତୁତି, ଶକ୍ରାଦି ସ୍ତୁତି, ବିଷ୍ଣୁମାୟା ସ୍ତବ ଓ ନାରାୟଣୀ ସ୍ତୁତି ପ୍ରଭୃତିରେ ଦେବୀଙ୍କ ମାହାତ୍ମ୍ୟ ପ୍ରତିପାଦିତ କରାଯାଇଛି । ଏହି ଦେବୀ ମାହାତ୍ମ୍ୟରୁ ଜଣାଯାଏ ଯେ ମହିଷାସୁରର ଅତ୍ୟାଚାରରେ ଉତ୍ପୀଡିତ ଦେବତାଗଣ ଭଗବାନ ବିଷ୍ଣୁ ଓ ସଦାଶିବଙ୍କ ନିକଟରେ ପହଞ୍ଚି ସେମାନଙ୍କର ଦୁର୍ଦ୍ଦଶା ଜଣାଇଲେ । ଦେବତାଙ୍କର ଦୁଃଖ ଓ ଦୁର୍ଦ୍ଦଶା ବିଷୟରେ ଶୁଣି ସେମାନେ କ୍ରୋଧାନ୍ୱିତ ହୋଇପଡିଲେ । ଏହାଫଳରେ ବିଷ୍ଣୁ, ଶିବ, ବ୍ରହ୍ମା ଓ ସମସ୍ତ ଦେବତାଙ୍କ ଶରୀରରୁ ତେଜରାଶି ଉତ୍ପନ୍ନ ହେଲା । ସେହି ତେଜରାଶିର ସମ୍ମିଶ୍ରଣରେ ଅତୁଳ ତ୍ରିଲୋକବ୍ୟାପୀ, ଦୀପ୍ତିମୟୀ ଦେବୀ ଆବିର୍ଭୂତା ହେଲେ । ସେହି ଦେବୀଙ୍କୁ ସମସ୍ତ ଦେବତାଗଣ ନିଜ ନିଜର ଅସ୍ତ୍ର ଅଂଶ ଓ ବସ୍ତ୍ରଭୂଷଣ ପ୍ରଦାନ କଲେ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# ଡ଼ିଜିଟାଲ ମଞ୍ଚ 'ଦି କୁଇଣ୍ଟ'

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତୀୟ ଗଣମାଧ୍ୟମ ପରିଧିରେ ରାଘବ ଭୋଲ ଏକ ଚର୍ଚ୍ଚିତ ବ୍ୟକ୍ତିତ୍ୱ । 'ଦୂରଦର୍ଶନ'ରେ ୧୯୮୫ରୁ ବୃତ୍ତିଗତ ଜୀବନ ଆରମ୍ଭ କରି ସେ ୧୯୯୩ରେ 'ନେଟୱାର୍କ ୧୮ ଗ୍ରୁପ' ଗଢ଼ିଥିଲେ । ଦେଶରେ ଡ଼ିଜିଟାଲ ମଞ୍ଚ ବିକାଶର ପ୍ରଥମା ବସ୍ଥାରେ ଆଇବିଏନ ଲାଇଭ, ମନିକଣ୍ଟ୍ରୋଲ, ବୁକ ମାଇ ସୋ ଓ ହୋମସପ ୧୮ ସହ ଟିଭି ଚ୍ୟାନେଲ 'କଲର୍ସ' ଇତ୍ୟାଦି ତାଙ୍କରି କୃତିତ୍ୱ । ୨୦୧୧ ଶେଷ ଭାଗରେ ବ୍ୟବସାୟ କ୍ଷତିର ସମ୍ମୁଖୀନ ହେବା ପରେ ବ୍ୟାଙ୍କ ସୂତ୍ରରୁ ଋଣ ପାଇବାରେ ବିଫଳ ହୋଇ ସେ ରିଲାଏନ୍ସ ଇଣ୍ଡାଷ୍ଟ୍ରୀ ଠାରେ ନିବେଶ ନିମନ୍ତେ ଶରଣାପନ୍ନ ହୋଇଥିଲେ । ଶେଷରେ ରିଲାଏନ୍ସ ୨୦୧୪ରେ 'ନେଟୱାର୍କ ୧୮' ଅଧିଗ୍ରହଣ କରି ନେଇଥିଲା । ରାଘବ ଦ୍ୱିତୀୟ ପର୍ଯ୍ୟାୟରେ 'କୁଇଣ୍ଟଲିନ ମିଡ଼ିଆ' ନାମକ ଏକ ନୂତନ ଡିଜିଟାଲ ମଞ୍ଚ ଆରମ୍ଭ କରିଥିଲେ ।

କୁଇଣ୍ଟଲିନ ମିଡ଼ିଆ ପକ୍ଷରୁ ଏକ ଭିନ୍ନ ସ୍ୱାଦର ଇଂଲିଶ ଡିଜିଟାଲ ସମ୍ବାଦ ମଞ୍ଚ 'ଦି କୁଇଣ୍ଟ' ୨୦୧୫ରେ ଆତ୍ମପ୍ରକାଶ କଲା । ଏଥିରେ ମୁଖ୍ୟତଃ ସୂଚନା ଓ ଶିକ୍ଷାଧର୍ମୀ ସମ୍ବାଦ ପରିବେଷଣକୁ ପ୍ରାଧାନ୍ୟ ଦିଆଗଲା । 'ଦି କୁଇଣ୍ଟ' ୨୦୧୬ରେ ଆନ୍ତର୍ଜାତିକ ଗଣମାଧ୍ୟମ ସଂସ୍ଥା 'ବ୍ଲୁମବର୍ଗ' ସହ ସହବନ୍ଧିତ ହେଲା । 'ଦି କୁଇଣ୍ଟ' ସହ ହିନ୍ଦି କୁଇଣ୍ଟ, ଫିଟ, ୟୁଥ-କୀ-ଆୱାଜ, ଦି ନ୍ୟୁଜ ମିନିଟ, କୁଇଣ୍ଟ ଟାଇପ ଭଳି ସମ୍ବାଦ ଭିତ୍ତିକ ଡିଜିଟାଲ ମଞ୍ଚରେ ରାଘବ ଭାଲ ନିଜ ପତ୍ନୀ ରିତୁ କପୁରଙ୍କ ସହ ନିବେଶ କରିଥିଲେ । ୨୦୨୦ର ଶେଷ ଦୁଇ ଓ ୨୦୨୧ର ପ୍ରଥମ ଦୁଇ ତ୍ରୈମାସିକ ଆର୍ଥିକ ହିସାବରେ 'ଦି କୁଇଣ୍ଟ' ବ୍ୟବସାୟ କ୍ଷେତ୍ରରେ ଲାଭଜନକ ସ୍ଥିତିରେ ପହଞ୍ଚି ପାରିଥିବା କୁହାଯାଉଛି ।

ଡିଜିଟାଲ ମଞ୍ଚ ଗବେଷଣା ପ୍ରତିଷ୍ଠାନ 'କମସ୍କାର' ତଥ୍ୟ ଅନୁଯାୟୀ ବର୍ଷକ ମଧ୍ୟରେ 'ଦି କୁଇଣ୍ଟ ୱେବସାଇଟ'କୁ ୨୪ କୋଟି ଦର୍ଶକ ପରିଦର୍ଶନ କରିଥିଲେ । କୁଇଣ୍ଟ ଡିଜିଟାଲ ମିଡ଼ିଆ ହିସାବରେ ଇଂଲିଶ ଦି କୁଇଣ୍ଟ, କୁଇଣ୍ଟ ହିନ୍ଦି ଓ ଫିଟର ୨୦୨୦-୨୧ର ଆୟ ୨୨ କୋଟି ଟଙ୍କା ଛୁଇଁଥିଲା । ମହାମାରୀ-ପର ପରିବର୍ତ୍ତିତ ପରିବେଶ 'ନ୍ୟୁ ନରମାଲ'ରେ ପାରମ୍ପରିକ ଗଣମାଧ୍ୟମ ମଞ୍ଚ ମୁଖ୍ୟତଃ ମୁଦ୍ରିତ ସମ୍ବାଦପତ୍ର, ରେଡ଼ିଓ ଓ ସିନେମା ବ୍ୟବସାୟ ବ୍ୟାପକ ବିଘଟନ ସାମ୍ନା କରିଥିବା ସ୍ଥଳେ କୁଇଣ୍ଟ ଗ୍ରୁପର ସଫଳତା ଅନେକଙ୍କୁ ବିସ୍ମିତ କରିଛି । ପ୍ରଶ୍ନ ଉଠିଛି ଭାରତରେ କ'ଣ ମୁଦ୍ରିତ ସମ୍ବାଦପତ୍ର ଯୁଗ ଶେଷ ହୋଇ ଆସୁଛି ।

ବ୍ୟବସାୟ-ବାଣିଜ୍ୟ ସମ୍ବାଦପତ୍ର 'ବିଜନେସ ଷ୍ଟାଣ୍ଡାର୍ଡ' ଭୁବନେଶ୍ୱର ସଂସ୍କରଣରେ ରାଘବ ଭୋଲ ଓ ପତ୍ନୀ ରିତୁ କପୁରଙ୍କ ସହ ସଂପୃକ୍ତ ସମ୍ବାଦପତ୍ରର ଗଣମାଧ୍ୟମ ବିଶ୍ଳେଷିକା ବନିତା କୋହଲି-ଖଣ୍ଡେକରଙ୍କ ଏକ ସାକ୍ଷାତକାର ୯ ସେପ୍ଟେମ୍ବର ୨୦୨୧ ସଂସ୍କରଣରେ ପ୍ରକାଶ ପାଇଥିଲା । ଏଥିରେ ରାଘବ ଭୋଲଙ୍କ ଦୁଇଗୋଟି ବିସ୍ଫୋରକ ବୟାନ ସ୍ଥାନିତ । ପ୍ରଥମତଃ, ସେ କହିଛନ୍ତି ଯେ ମହାମାରୀ-ପର ଅବସ୍ଥାରେ ଅଶୀ ପ୍ରତିଶତ ଯାଏଁ ଭାରତୀୟ ଉପଭୋକ୍ତା ସୋସିଆଲ ମିଡ଼ିଆରୁ ସମ୍ବାଦ ପାଉଛନ୍ତି । ଦ୍ୱିତୀୟତଃ, ସେ ଆକଳନ କରିଛନ୍ତି ଯେ ଆଗାମୀ ଦଶ ବର୍ଷ, ଅର୍ଥାତ ୨୦୩୦ ସୁଦ୍ଧା ମୁଦ୍ରିତ ସମ୍ବାଦପତ୍ର ନଥିବ ।

ରାଘବ ଭୋଲ ଭାରତୀୟ ଗଣମାଧ୍ୟମ ବ୍ୟବସାୟରେ ପୁରୁଣା ଖେଳାଳୀ । ତାଙ୍କରି ୩୫ ବର୍ଷର ବୃତ୍ତିଗତ ଅଭିଜ୍ଞତା ରହିଛି । ଟେଲିଭିଜନ ଓ ଡିଜିଟାଲ ମଞ୍ଚରେ ସେ ପରୀକ୍ଷା ନିରୀକ୍ଷା କରି ଆସିଛନ୍ତି । ସେହିପରି ବନିତା କାହଲି-ଖଣ୍ଡେକର ଦେଶର ଜଣେ ଆଗଧାଡ଼ିର ଗଣମାଧ୍ୟମ ସମୀକ୍ଷକ, ସେମାନଙ୍କ ଆଶଙ୍କାକୁ ଅଣଦେଖା କରିହେବ ନାହିଁ । ପ୍ରକାଶିତ ଆଲୋଚନାର ପୃଷ୍ଠଭୂମି ଯାହା ହେଉନା କାହିଁକି ଭାରତୀୟ ପାରମ୍ପରିକ ସମ୍ବାଦ ମଞ୍ଚ ପରିବର୍ତ୍ତିତ ପରିବେଶରେ ନିକଟ ଭବିଷ୍ୟତରେ ବ୍ୟାପକ ରୂପାନ୍ତର ସୁସ୍ପଷ୍ଟ ବୋଲି ବିଚାର କରାଯାଇ ପାରେ ।

ଭୋଲଙ୍କୁ ପଚରାଯାଇଥିଲା ଡିଜିଟାଲ ମଞ୍ଚକୁ ବିଜ୍ଞାପନ ସ୍ଥାନାନ୍ତରିତ ହାଇ ଆସୁଥିଲେ ସୁଦ୍ଧା ୭୦ ରୁ ୮୦ ପ୍ରତିଶତ କେବଳ ଗୁଗୁଲ ଓ ଫେସବୁକ ଅକ୍ତିଆର କରି ନେଉଥିବା ସ୍ଥଳେ ଡିଜିଟାଲ ସମ୍ବାଦ ମଞ୍ଚଗୁଡ଼ିକ କିପରି ତିଷ୍ଠିବେ ? 'ଦି କୁଇଣ୍ଟ'ର ଅଭିଜ୍ଞତାରୁ ଭୋଲ କହିଥିଲେ ଯେ ସାମ୍ବାଦିକତାରେ ଗୁଣାତ୍ମକ ବିକାଶ ଏବଂ ଭିଡ଼ିଓ ସମ୍ବାଦ ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ । ପ୍ରାଥମିକ ପର୍ଯ୍ୟାୟରେ 'ଦି କୁଇଣ୍ଟ'ର ୬୦ ରୁ ୬୫ ପ୍ରତିଶତ ଉପଭୋକ୍ତା ଯୁବବର୍ଗ ଥିବା ସ୍ଥଳେ ପରବର୍ତ୍ତୀ ପର୍ଯ୍ୟାୟରେ ୩୦ ରୁ ୪୦ ବର୍ଷ ତଥା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

ଭୋଲଙ୍କ ବିଚାରରେ ପାରମ୍ପରିକ ମୁଖ୍ୟସ୍ରୋତର ସମ୍ବାଦମଞ୍ଚ ଗୁଡ଼ିକ ଡିଜିଟାଲ ମଞ୍ଚରେ ନିଜର ଉପସ୍ଥିତିକୁ ହାଲକା ଭାବେ ଗ୍ରହଣ କରି ଆସିଥିଲେ । ସଂବାଦ ସଂଗ୍ରହ ନିମନ୍ତେ ବିପୁଳ ଦକ୍ଷତା ଥିବା ସତ୍ତ୍ୱେ ତାହା ସାମ୍ବାଦିକତାର ଗୁଣାତ୍ମକ ବିକାଶରେ ପ୍ରତିଫଳିତ ହୋଇ ପାରୁ ନାହିଁ । ସାକ୍ଷାତକାରରେ ସେ ସୂଚାଇ ଥିଲେ ଯେ ଗଣମାଧ୍ୟମ ବ୍ୟବସାୟରେ ସଫଳତା ହାସଲ କରିବା ନିମନ୍ତେ ସାଧାରଣରେ ଚାରିରୁ ଛଅବର୍ଷ ସମୟ ଆବଶ୍ୟକ । ଏହି ଅବସରରେ ନିବେଶ କରିବାକୁ ପଡେ । ନିଜ ଅଭିଜ୍ଞତାରୁ ସି ଏନ ଏନ୍-ଆଇବି ଏନ ଟେଲିଭିଜନ ଓ ଦି କୁଇଣ୍ଟ ଡିଜିଟାଲ ମଞ୍ଚ ଉଭୟ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟ ସୀମାରେ ନିବେଶ କରା ଯାଇଥିବା ହିସାବ ଦେଇଥିଲେ ।

'ଦି କୁଇଣ୍ଟ'ର ସମ୍ପାଦକୀୟ ନୀତି ପ୍ରାଥମିକ ପର୍ଯ୍ୟାୟରେ ଯୁବବର୍ଗର ଉପଭୋକ୍ତାଙ୍କ ନିମନ୍ତେ ଅଭିପ୍ରେତ ଥିବା ସ୍ଥଳେ ପରବର୍ତ୍ତୀ ପର୍ଯ୍ୟାୟରେ ସାଧାରଣ ବର୍ଗର ଉପଭୋକ୍ତାଙ୍କ ନିମନ୍ତେ ସମ୍ବାଦ ପ୍ରଯୋଜନାରେ ରୂପାନ୍ତରିତ ହୋଇଥିଲା । ଡିଜିଟାଲ ମଞ୍ଚରେ ପାରମ୍ପରିକ ସମ୍ବାଦ ପ୍ରତିଷ୍ଠାନ ଗୁଡ଼ିକ ପ୍ରବେଶ କରୁଥିବା ଅବସରରେ 'ଦି କୁଇଣ୍ଟ' ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ ହେଉଥିବା ସେ ଅବଗତ କରାଇଥିଲେ । ବିଶେଷକରି ଗ୍ରାହକ ସଂଗ୍ରହରେ ପ୍ରତିଯୋଗିତାମୂଳକ ପରିବେଶ ପ୍ରଭାବ ପକାଇବା ନିଶ୍ଚିତ । ବହୁ କ୍ଷେତ୍ରରେ ପାରମ୍ପରିକ ମଞ୍ଚଗୁଡ଼ିକ ଡିଜିଟାଲ ସଂସ୍କରଣକୁ ମୂଳ ବ୍ୟବସାୟରୁ ଅଲଗା ରଖି ଆସିଥିବା ସ୍ଥଳେ ମହାମାରୀ-ପର ଅବସ୍ଥାରୁ ଗୁରୁତ୍ୱ ଦେବା ଆରମ୍ଭ କରିଥିବା ଦର୍ଶାଇଥିଲେ ।

ଆନ୍ତର୍ଜାତିକସ୍ତରରେ ଡିଜିଟାଲ ସମ୍ବାଦମଞ୍ଚ ପରୀକ୍ଷା ନିରୀକ୍ଷା କ୍ଷେତ୍ରରେ 'ଦି କୁଇଣ୍ଟ' ଚର୍ଚ୍ଚାରେ ଆସିଥାଏ । ଭାରତୀୟ ଗଣମାଧ୍ୟମ ପରିବେଶରେ ଯେଉଁ ଦିଗଗୁଡ଼ିକ ଅସଂଭବ ବିଚାର କରାଯାଇ ଆସୁଥିଲା ସେଗୁଡ଼ିକର ମୁକାବିଲାରେ 'ଦି କୁଇଣ୍ଟ' କେତେକାଂଶରେ ସଫଳତା ହାସଲ କରିପାରିଛି । ଏହା ସ୍ଥାନୀୟ ଡିଜିଟାଲ ସମ୍ବାଦ ମଞ୍ଚ ବିକାଶରେ ପଥ ପ୍ରଦର୍ଶକ ହେବା ବିଶ୍ୱାସ କରାଯାଇ ପାରେ । ଆଞ୍ଚଳିକ ଭାଷା ଓ ସ୍ଥାନୀୟ ସାମ୍ବାଦିକତା ଡିଜିଟାଲ ମୁହାଁ ହେଉଥିବା ଅବସରରେ ସମ୍ଭାବ୍ୟ ପରିବର୍ତ୍ତନର ରୂପରେଖ ବିଶ୍ଳେଷଣ ଗୁରୁତ୍ୱପୂର୍ଣ୍ଣ ।

ଡ଼ିଜିଟାଲ ମଞ୍ଚରେ ଓଡ଼ିଆ ସାମ୍ବାଦିକତାର ଉପସ୍ଥିତି ମହାମାରୀ-ପର ପରିବେଶ ୨୦୨୧ ଦ୍ୱିତୀୟାର୍ଦ୍ଧ ସୁଦ୍ଧା ଉତ୍ସାହପ୍ରଦ ପର୍ଯ୍ୟାୟରେ ପହଞ୍ଚିପାରି ନାହିଁ । ଏହି କ୍ଷେତ୍ରରେ ଦୁଇ ଗୋଟି ପ୍ରତିବନ୍ଧକ ଦାୟୀ । ଏକ ପକ୍ଷରେ ଓଡ଼ିଆ ଡିଜିଟାଲ ସମ୍ବାଦ ମଞ୍ଚ ପ୍ରଯୋଜନା ନିମନ୍ତେ ପର୍ଯ୍ୟାପ୍ତ ନିବେଶ ହୋଇପାରି ନାହିଁ । ପାରମ୍ପରିକ ମଞ୍ଚ ହେଉ କିମ୍ବା ଡିଜିଟାଲ ନବସୃଜନ, 'ଡ଼ିଜିଟାଲ ନେଟିଭ' ଯେକୌଣସି ମଞ୍ଚକୁ ଚାରିରୁ ଛଅ ବର୍ଷ ଯାଏଁ ନିବେଶ ନିମନ୍ତେ ପ୍ରସ୍ତୁତ ହେବାକୁ ପଡ଼ିବ । ମହାମାରୀରେ ମୂଳସ୍ରୋତର ସମ୍ବାଦ ମଞ୍ଚଗୁଡ଼ିକ ବ୍ୟାପକ ଅର୍ଥନୀତିକ ବିପତ୍ତିର ଶିକାର ହୋଇଥିବା ସ୍ଥଳେ ଡିଜିଟାଲ ମଞ୍ଚ ନିମନ୍ତେ ନିବେଶ ଦିଗରେ କେତେଦୂର ସଫଳ ହୋଇ ପାରିବେ ତାହା ଏକ ପ୍ରଶ୍ନବାଚୀ । ସେହିପରି ସାଧାରଣ ବିଚାରରେ ସମ୍ବାଦ ମଞ୍ଚକୁ ଏକ 'ବ୍ଲାଗ' ତୁଲ୍ୟ ଜ୍ଞାନ କରିବା ମାନସିକତା ନବସୃଜନରେ ଆର୍ଥିକ ନିବେଶକୁ କେତେଦୂର ସମର୍ଥନ କରିବ ତାହା ମଧ ଅସମାହିତ ପ୍ରଶ୍ନ । ଅପରପକ୍ଷରେ, ଡିଜିଟାଲ ସମ୍ବାଦ ମଞ୍ଚ ମୁଖ୍ୟତଃ ଗ୍ରାହକଚାନ୍ଦା-ଆଶ୍ରିତ ମଡ଼େଲରେ ବିକାଶିତ ହେଉଥିବା ହେତୁ ସମ୍ବାଦ ପରିବେଷଣରେ ଗୁଣାତ୍ମକ ବିକାଶ ନିମନ୍ତେ ସମ୍ପାଦକୀୟ ନୀତି ନିର୍ଦ୍ଧାରଣ, ପରିଚାଳନା ଓ ତାଲିମ ପ୍ରାଥମିକତା ଦାବି କରିବ । ଏଦିଗରେ ପାରମ୍ପରିକ ସମ୍ବାଦ ମଞ୍ଚଗୁଡ଼ିକ ଅନୁଭୂତି ସମ୍ପନ୍ନ ନଥିବା ହେତୁ ସାମ୍ବାଦିକତା କ୍ଷେତ୍ରରେ ଏକ ନୂତନ ସଂସ୍କୃତି ପରିପ୍ରକାଶ ଅପରିହାର୍ଯ୍ୟ । ପାରମ୍ପରିକ ଭାବେ ଓଡ଼ିଆ ସମ୍ବାଦ ପ୍ରକାଶକ ମାନେ ବିଜ୍ଞାପନ ଓ ପ୍ରୋତ୍ସାହନ ସର୍ବସ୍ୱ ଅର୍ଥନୀତିରେ ଅଭ୍ୟସ୍ତଥିବା ସ୍ଥଳେ ବ୍ୟବସାୟକୁ ଲାଭାଭିମୁଖୀ କରିବାର ଦୃଷ୍ଟିଭଙ୍ଗୀ, ଆଚରଣ ଓ ଦକ୍ଷତାରେ ଅମୂଳଚୂଳ ପରିବର୍ତ୍ତନ ଆବଶ୍ୟକ କରେ ।

## ମଦ ଅଭ୍ୟାସ ଛଡ଼ାଇବ ଛତୁ

**ମ**ଦ ଏମିତି ଏକ ନିଶା ଥରେ ଯାହାକୁ ଘାରିଛି ସେ ଆଉ ପଛକୁ ଫେରିନି । କିନ୍ତୁ ପ୍ରଥମ ଥର ଲାଗି ମଦର ଅଭ୍ୟାସକୁ ଛଡ଼ାଇବା ପାଇଁ ଛତୁର ସାହାଯ୍ୟ ନିଆଯାଇଛି । ବୈଜ୍ଞାନିକମାନେ ଗବେଷଣା କରି ଛତୁରେ ଏମିତି ତତ୍ତ୍ୱ ପାଇଛନ୍ତି ଯାହାକି ମଦର ଅଭ୍ୟାସକୁ ସବୁଦିନ ପାଇଁ ଛଡ଼ାଇଦେବ । କୋପ୍ରିନସ୍ ନାମକ ଏକ ବିଶେଷ ପ୍ରଜାତିର ଛତୁରୁ ଔଷଧ ପ୍ରସ୍ତୁତ କରାଯିବ । ଯାହାକି ଖୁବ୍ ସଫଳ ସାବ୍ୟସ୍ତ ହେବ ବୋଲି ବୈଜ୍ଞାନିକମାନେ ମତପ୍ରକାଶ କରିଛନ୍ତି । କୋପ୍ରିନସ ଛତୁରେ ଡାୟସଲଫୀରନ୍ ନାମକ ଏଲକ୍ଲାଇଡ୍ ତତ୍ତ୍ୱ ମିଳିଥାଏ । ଯାହାକି ମଦର ଅଭ୍ୟାସକୁ କମ୍ କରାଇବାରେ ଖୁବ୍ ସହାୟକ ହୋଇଥାଏ । ଶରୀରକୁ ଯିବା ମାତ୍ରାକେ ଆଲକହଲକୁ ଶେଷ କରି ଦେଇଥାଏ । କିନ୍ତୁ ଏହାର ପ୍ରୟୋଗ ଚିକିତ୍ସକଙ୍କ ଦେଖାଶୁଣା କରିବା ଆବଶ୍ୟକ ।

## ଆଜିର ଚିନ୍ତନ

ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ସଂସାରର ରୂପ ରସ, ଗନ୍ଧ ଆଦି ବିଷୟ ପ୍ରତି ଆସକ୍ତି ହୋଇ ମନୁଷ୍ୟକୁ ଦୁଃଖକୁ ବରଣ କରିଆଣେ । ଯେଉଁମାନେ ବିଷୟାସକ୍ତ ନୁହନ୍ତି ସେମାନେ ହିଁ ଯୋଗୀ ଏବଂ ସୁଖୀ । ବିଷୟାସକ୍ତି ହେଉଛି ଦୁଃଖ ଦୁର୍ଦ୍ଦଶାର ଜନନୀ । ଥରେ ବିଷୟ ପ୍ରତି ଆସକ୍ତ ହୋଇଗଲେ, ତାକୁ ତ୍ୟାଗ କରିବା କଷ୍ଟକର ବ୍ୟାପାର । ଆପାତ ରମଣୀୟ ବିଷୟ ଜୀବକୁ ମୋହଗ୍ରସ୍ତ କରି ଦେଇଥାଏ । ଲୋଭ, କ୍ରୋଧ, କାମ, ମୋହ, ମଦ, ମାତ୍ସର୍ଯ୍ୟ ଏ ଷଡ଼ରିପୁ କେହି କାହାଠାରୁ ଊଣା ନୁହନ୍ତି, ବାହ୍ୟ ଶତ୍ରୁଠାରୁ ଏମାନେ ଅତ୍ୟନ୍ତ ବଳବାନ । ବାହ୍ୟ ଶତ୍ରୁମାନଙ୍କୁ ଜଣେ ଶତ୍ରୁକୁ ନିପାତ କରିବା ପାଇଁ ଆଉ ଜଣେ ଶତ୍ରୁ ସହ ମିତ୍ରତା ସ୍ଥାପନ କରି କଣ୍ଟକନୈବ କଣ୍ଟକ ନ୍ୟାୟରେ ବ୍ୟବହାର କରାଯାଇ ପାରେ । କିନ୍ତୁ ଅନ୍ତରର ଏ ଷଡ଼ରିପୁକୁ ଏପରି କରିହୁଏ ନାହିଁ । ଅର୍ଥାତ୍ କାମକୁ ଲୋଭ ଦ୍ୱାରା ଜିଣି ହୁଏ ନାହିଁ । ଏମାନଙ୍କୁ ଅର୍ଥାତ୍ ଇନ୍ଦ୍ରିୟମାନଙ୍କୁ ତୀବ୍ର ବୈରାଗ୍ୟ ଦ୍ୱାରା ହିଁ ଜାଣିହୁଏ । 'ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମ୍ ।' ଜନ୍ମ ମୃତ୍ୟୁଠାରୁ ବଳି କଷ୍ଟ ଆଉ କିଛି ନାହିଁ । ମାତୃଗର୍ଭରେ ଜୀବ ବହୁତ କଷ୍ଟ ପାଏ । ଯେତେଥର ଜନ୍ମ ନିଏ ସେତେ କଷ୍ଟ ପାଇ ମଧ ଜନ୍ମ ପରେ ସେସବୁ ଭୁଲିଯାଏ । ଠିକ୍ ସେହିପରି ମୃତ୍ୟୁ ସମୟରେ ମଧ ଜୀବର କଷ୍ଟ ଅସରନ୍ତି । ସୁଖ ମରଣ ବୋଲି କୁହାଯାଉଥିଲେ ମଧ ମରଣରେ ଦୁଃଖ ଯେ ନିହିତ, ଏଥିରେ ସନ୍ଦେହ ନାହିଁ । ଜୀବନବ୍ୟାପୀ ଜୀବ ନିଜର ଶରୀରକୁ ଅତି ଆପଣାର ଭାବିଥାଏ । ଶରୀର ଆଗ ଆଉ ସବୁ ପଛ । ମହର୍ଷି ବଶିଷ୍ଠ ରଘୁକୁଳର ରାଜପୁତ୍ରମାନଙ୍କୁ ଶିକ୍ଷା ଦେବା ଅବସରରେ କହିଛନ୍ତି- 'ଶରୀର ଠାରୁ ତ ସମ୍ପତ୍ତି ନାହିଁ ହେ ରାମ ରଘୁପତି' । ମହାକବି କାଳିଦାସ କୁମାର ସମ୍ଭବରେ କହିଛନ୍ତି- 'ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍ ।' ଶରୀର ଆମର ଅମୂଲ୍ୟ ସଂପତ୍ତି । ଶରୀର ଖରାପ ହେଲେ ଆମେ ନିଜ ପାଇଁ, ସମାଜ ପାଇଁ ଆକାମୀ, ଅଲୋଡା ହୋଇଯିବା ଏବଂ ଭୂତ ପ୍ରିୟ ପଦାର୍ଥ ହିଁ ଶରୀରକୁ ଛାଡିବା ବେଳେ କଷ୍ଟ ହେବା ସ୍ୱାଭାବିକ । ତେଣୁ ସୁଖ ମରଣ ହେବ କିପରି ? ଏ ଅମୂଲ୍ୟ ପଦାର୍ଥକୁ ଛାଡି ଚାଲିଯିବା ପାଇଁ ପ୍ରାଣୀ ଅନିଚ୍ଛୁକ ହୋଇ ଛଟପଟ ହେଉଥିବ, ଏଣେ ଯମ ଚୁଟି ଧରି ଟାଣୁଥିବ ଏ ଅବସ୍ଥାରେ ଜୀବ କଷ୍ଟ ପାଇବା ସ୍ୱାଭାବିକ । ତେଣୁ ଜନ୍ମ, ଦୁଃଖ, ମୃତ୍ୟୁ ଦୁଃଖ । ସନ୍ଦେହ ନାହିଁ ।

# ଶକ୍ତି ପୂଜା

ଭାରତୀୟଙ୍କ ଧର୍ମ ଧାରଣାରେ ଦୁର୍ଗାଙ୍କୁ ଶକ୍ତିର ପ୍ରତିମା କୁହାଯାଉଛି । ପ୍ରାଗୈତିହାସିକ ଯୁଗରୁ ଏହି 'ଶକ୍ତି' ଶବ୍ଦ ଦେବୀଙ୍କୁ ଶକ୍ତିବାଦର ପ୍ରତୀକ ରୂପେ ପ୍ରାଧାନ୍ୟ ଦେଇଛି । ମାର୍କଣ୍ଡେୟ ପୁରାଣରେ ବର୍ଣ୍ଣିତ ଅଛି 'ଏକୈବାହଂ ଜଗତ୍ୟାତ୍ର ଦ୍ୱିତୀୟ କା ମମାପରା' ପୁନଶ୍ଚ ଦେବୀ ଭାଗବତରେ ଶକ୍ତିର ଅବତାରଣା କରାଯାଇଛି 'କିଂ ନାହିଁ ପଶ୍ୟ ସଂସାରେ ମହଦ୍ଵିଯୁକ୍ତ କିମସ୍ତି ହି' ।

ଅନ୍ୟ ପକ୍ଷରେ ଦେବୀଙ୍କୁ ବ୍ରହ୍ମାଣୀ ବୈଷ୍ଣବୀ ଶିବାନୀ କହିବା ପଛରେ ଶକ୍ତି ଶବ୍ଦର ବଳିଷ୍ଠ ଯୁକ୍ତି ଅବଶ୍ୟ ପ୍ରଣିଧାନ ଯୋଗ୍ୟ । ଯେପରି ବ୍ରହ୍ମାଙ୍କର ଶକ୍ତି ରୂପରେ ସେ ବ୍ରାହ୍ମଣୀ । ବିଷ୍ଣୁଙ୍କର ଶକ୍ତି ଲାଭ କରି ବୈଷ୍ଣବୀ ଓ ଶିବଙ୍କର ଶକ୍ତି ବଳରେ ସେ ଶିବାନୀ ନାମକରଣର ଯଥାର୍ଥତା ଆଜିର ଗବେଷକଙ୍କ ପାଇଁ ଏକ ବଳିଷ୍ଠ ପ୍ରମାଣ ।

ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ପଞ୍ଜାବର ହରପ୍ପା ଓ ସିନ୍ଧୁର ମହେଞ୍ଜୋଦାରୋରେ ଶକ୍ତି ବା ଦେବୀ ଉପାସନା ପ୍ରଚଳିତ ଥିବାର ଅନୁମାନ କରାଯାଏ । ବୈଦିକ ଯୁଗରେ ଦେବୀସୂକ୍ତ ଓ ରାତ୍ର ସୂକ୍ତର 'ଶକ୍ତିବାଦ'ର ଲକ୍ଷଣ ଏପରି ପରିସ୍ଫୁଟ ହୋଇଛି ଯେ ତାହା ଗଭୀରଭାବ ଅନୁଧ୍ୟାନ ନକଲେ ଶକ୍ତି ଶବ୍ଦର ପ୍ରକୃତ ଅର୍ଥ ହୃଦୟଙ୍ଗମ କରି ହେବ ନାହିଁ ।

ବୌଦ୍ଧତନ୍ତ୍ର ଶାସ୍ତ୍ର ସାଧନମାଳା ଓ ନିଷ୍ପନ୍ନ ଯୋଗବଳୀ ପ୍ରଭୃତି ଗ୍ରନ୍ଥରେ ଶକ୍ତିମୟୀ ଦେବୀଙ୍କର ନାମ ଓ ରୂପ ଏପରି ଉଲ୍ଲେଖ କରାଯାଇଛି ଯେ ତଦ୍ୱାରା ଶକ୍ତି ଶବ୍ଦର ପ୍ରୟୋଗ କେବଳ ଯେ ଦୁର୍ଗା ଦେବୀଙ୍କ ଠାରେ ପ୍ରଯୁଜ୍ୟ ବୋଲି ଅନୁଭବ କରିହୁଏ । ତେବେ ଶାକ୍ତ ଦର୍ଶନର ପୂର୍ଣ୍ଣାଙ୍ଗ ଅବୟବ ତନ୍ତ୍ର ଶାସ୍ତ୍ରରେ ଯେପରି ପ୍ରତିଷ୍ଠା ଲାଭ କରିଛି ଅନ୍ୟ ଗ୍ରନ୍ଥଗୁଡିକରେ ତାହାର ସାରମର୍ମ ଏପରି ଦେଖା ଯାଇ ନାହିଁ । ବିଶେଷ କରି ମାର୍କଣ୍ଡେୟ ପୁରାଣରେ ୮୧ ରୁ ୯୩ ଅଧ୍ୟାୟର ନାମ ସପ୍ତଶତୀ ଚଣ୍ଡୀ ଏଥିରେ ତନ୍ତ୍ରଶାସ୍ତ୍ରର ସାରମର୍ମ ଅତି ସୁଲଭ ଭାବରେ ବର୍ଣ୍ଣିତ ଯଥା 'ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା' ସତ୍ତ୍ୱ, ରଜ ଓ ତମ ଗୁଣର ପ୍ରତୀକ ଭାବେର ଏହି ଦେବୀ ସରସ୍ୱତୀ ଲକ୍ଷ୍ମୀ ଓ କାଳୀଙ୍କର ଅନବଦ୍ୟ ରୂପ । କାଳିକା ପୁରାଣରେ ଦେବୀଙ୍କ ଅତି ମାନସ ଶକ୍ତିର ଅପ୍ରତିମ ସ୍ୱଭାବ ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ।

ଜୈନଧର୍ମ ଗ୍ରନ୍ଥ ରତ୍ନସାଗରରେ ଦେବୀଙ୍କ ଶକ୍ତି ରୂପ ଏପରି ବର୍ଣ୍ଣିତ ହୋଇଛି ଯେ ତା'ର ବର୍ଣ୍ଣନାଧିକ୍ୟ ଅନ୍ୟ କୌଣସି ସ୍ଥାନରେ ଦୃଷ୍ଟିଗୋଚର ହୁଏନାହିଁ । ବିଶେଷକରି ପଥର ଖୋଦିତ ଶିଳାପାତ୍ର ବା ମନ୍ଦିରରେ ଦେବୀମୂର୍ତ୍ତିଙ୍କ ଚିତ୍ର ଏବେ ବି 'ଶକ୍ତି' ଶବ୍ଦର ପ୍ରାଧାନ୍ୟ ବିସ୍ତାର କରୁଛି ଏବଂ ମହାବୀର ଜୈନଙ୍କ ଦୀର୍ଘଦିନ ସାଧନାର ପଥରେ ଯେଉଁ ଅଲୌକିକ ଦିବ୍ୟ ଶକ୍ତି ପ୍ରକଟିତ ହୋଇଛି ତାହାହିଁ



କେବଳ ଶାକ୍ତ ସାଧକଙ୍କ ପାଇଁ ନୂତନ ଖୋରାକ ଯୋଗାଇଛି ।

ସେହିପରି ଶିଖ ଧର୍ମର ପୃଷ୍ଠପୋଷକ ଗୁରୁ ଗୋବିନ୍ଦ ସିଂହଙ୍କ 'ଦଶମ ବାଦସାହା' ଗ୍ରନ୍ଥରେ ଶକ୍ତିବାଦର ସୂଚନା ପ୍ରସଙ୍ଗରେ ସପ୍ତଶତୀ ଚଣ୍ଡୀର ବିଷୟବସ୍ତୁ ଅନେକାଂଶରେ ଧାର୍ମିକ ଚେତନାର ପ୍ରଧାନ ଅନ୍ତରାୟ ସାଜିଛି ।

ଐତିହାସିକ ତଥ୍ୟାନୁସାରେ ଚୈଦ୍ୟ ବଂଶ ରାଜାଭାବେ ସୁରଥ ବହୁ କ୍ଷମତାର ଅଧିକାରୀ ସମ୍ଭବତଃ ଖାରବେଳଙ୍କ ପୂର୍ବରୁ ଏହି ବଂଶର ଉଦ୍ଭବ । ଅନ୍ୟପକ୍ଷରେ ମୌର୍ଯ୍ୟ ଶାସକ ଅଶୋକଙ୍କ ସମୟରେ କାରୁବାକୀଙ୍କ ଲଲା ସୁନ୍ଦରୀ ରୂପର ବର୍ଣ୍ଣାନା ଓ ତାଙ୍କର ମାୟାରେ ମୁଗ୍ଧ ହୋଇଥିବା ଅଶୋକଙ୍କ ପରି ଜଣେ ଅସାମାନ୍ୟ ବ୍ୟକ୍ତି ବୋଧହୁଏ ପରବର୍ତ୍ତୀ ସମୟରେ ଶୁମ୍ଭାସୁରର ପ୍ରତୀକ ଭାବେ ବିରାଜମାନ । ଏହା ସତ୍ୟ କାରୁବାକୀ କଳିଙ୍ଗର ରାଣୀ ସମର କୁଶଳା ନାରୀ, ସେ ଶକ୍ତି ସ୍ୱରୂପିଣୀ ଦୁର୍ଗାଙ୍କ ବିକଳ୍ପ ଆଧାର । ଏଥିରେ ସପ୍ତଶତୀ ଚଣ୍ଡୀର ଅଷ୍ଟମ ଅଧ୍ୟାୟରେ ମୌର୍ଯ୍ୟ ଶବ୍ଦର ଉଲ୍ଲେଖ ଭକ୍ତିର ସତ୍ୟତାକୁ ପ୍ରମାଣ କରେ । ଜ୍ଞାନଦୀପ୍ତ ବିଶ୍ୱରେ ଦେବୀ ହେଉଛନ୍ତି ଏକମାତ୍ର ଆଦ୍ୟଶକ୍ତି ଓ ସମସ୍ତ ସ୍ଥାବର ଜଙ୍ଗମ ତାଙ୍କର ଅଂଶମାତ୍ର । ବୋଧହୁଏ କଳିଙ୍ଗ ନୃପତି ସୁରଥ ଦେବୀଙ୍କର ବର ପ୍ରାପ୍ତିପରେ ସମ୍ରାଟ ଆଖ୍ୟା ଅର୍ଜନ କରିବା ଉକ୍ତିର ସତ୍ୟତାକୁ ପ୍ରମାଣ କରେ ।

ଏହି ଶକ୍ତି ବାଦର ସ୍ରୋତ ଭାରତର କୋଣାନୁକୋଣରେ ପ୍ରବହମାନ । ଆସାମ, ବଙ୍ଗଳା ଓ ଓଡ଼ିଶାରେ ବହୁ ସଂଖ୍ୟକ ଶାକ୍ତ ମଧ ଦୃଶ୍ୟମାନ ହୁଅନ୍ତି । ବଙ୍ଗଳାରେ ପାଳ ବଂଶୀୟ ଶାସକଙ୍କ ଶାସନ କାଳରେ ଶକ୍ତିବାଦର ପ୍ରଭାବ ଯଥେଷ୍ଟ ପରିମାଣରେ ଦୃଷ୍ଟିଗୋଚର ହୋଇଥିଲା, ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ବଙ୍ଗଳାର ଦୁର୍ଗାପୂଜା ଓ ଚଣ୍ଡମୁଣ୍ଡ ଉଲ୍ଲେଖଯୋଗ୍ୟ ଦୃଷ୍ଟାନ୍ତ ।

ସୃଷ୍ଟିର ପ୍ରାରମ୍ଭରୁ ଦେବାସୁରଙ୍କ ସଂଗ୍ରାମକୁ ଆଧାର କରି ବହୁ ନୂତନ ତଥ୍ୟ ପ୍ରକାଶ ପାଇଛି । ସଂଗ୍ରାମର କ୍ଷେତ୍ର ହେଲା ମାନବ ଶରୀର ଆଉ ଦୈବ୍ୟ ସଂପଦକୁ ଉଦ୍ଧାର କରିବା ପାଇଁ ଆସୁରିକ ସମ୍ପଦର ଯୁଦ୍ଧ ଚାଲିଲା ବେଳେ ପ୍ରାଣ ଶ୍ରୁତିର ଜାଗରଣ ବାସ୍ତବିକ ଶକ୍ତି କହିଲାବେଳେ ଦୈବୀ ଶକ୍ତିର ଉତ୍ସଭାବେ ଦେବୀ ଦୁର୍ଗା ଜନମାନସରେ ଚିରପୂଜିତ ।

ଆଜି ସମଗ୍ର ଭାରତରେ ଦୁର୍ଗାପୂଜା, ସପ୍ତମୀ ଅଷ୍ଟମୀ ଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ମହା ସମାରୋହରେ ପାଳିତ ହେଉଛି । ତେବେ ଅଷ୍ଟମୀ ଓ ନବମୀ ତିଥିର ସନ୍ଧିକ୍ଷଣରେ ଯେଉଁ ବିଶେଷ ପୂଜା ଅନୁଷ୍ଠିତ ହୁଏ, ସେତେବେଳେ ଦେବୀ ଦୁର୍ଗା ଶକ୍ତିରେ ବିଭୂଷିତ ହୋଇ ଆବିର୍ଭୂତ ହୁଅନ୍ତି । ସପ୍ତମୀରେ ଦେବୀ ଶ୍ରୀରାମଙ୍କ ଧନୁର୍ବାଣରେ ଅବତରଣ କଲାବେଳେ ଅଷ୍ଟମୀରେ ରାମ ରାବଣ ଯୁଦ୍ଧ ଓ ଅଷ୍ଟମୀ ନବମୀ ସନ୍ଧିକ୍ଷଣରେ ରାବଣର ବଧ ଆଜିର ଦୁର୍ଗାପୂଜାର ତାତ୍ପର୍ଯ୍ୟକୁ ଅନେକାଂଶରେ ପ୍ରଭାବିତ କରୁଛି । ପୀଠଦେବୀଙ୍କ ପୀଠରେ ଯେଉଁ ଦଶଟି କଳସ ପୂଜାପାଏ ତନ୍ମଧ୍ୟରୁ ଗଣେଶଙ୍କ ଗୋଟିଏ ଅନ୍ୟ ନଅଟି ନବ ଦୁର୍ଗାଙ୍କ ପ୍ରତୀକ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରୀ ମହାଗୌରୀ ଓ ସିଦ୍ଧାଦେବୀ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ଧରି ଶକ୍ତିପୀଠରେ ପୂଜା ପାଉଛନ୍ତି ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଦ୍ରାବିଡ଼ ସଭ୍ୟତାର ଅନ୍ତିମ ପର୍ଯ୍ୟାୟରେ ଦକ୍ଷିଣ ଭାରତ କାହିଁକି ଓଡ଼ିଶାର ଶବର ଜାତିର ଲୋକମାନେ ବିଭିନ୍ନ ସ୍ଥାନରେ କାଠ ଓ ପଥର ନିର୍ମିତ ଆକୃତି ବା ବୃକ୍ଷମୂଳରେ ଦେବୀଙ୍କୁ ବିଭିନ୍ନ ପତ୍ରରେ ସଜାଇଦେଇ ଶାରଦୀୟ ମନ୍ତ୍ର ଉଚ୍ଚାରଣ କରୁଥିଲେ ସୁତରାଂ ତନ୍ତ୍ର ଉପାସିତା ଦେବୀ ବିଭିନ୍ନ ସମୟରେ ବିକାଶ ଲାଭକରି ବନଦେବୀ ରୂପେ ପୂଜା ପାଇଲେ ଏବଂ ଶବର ସଂସ୍କୃତିରେ ସେ ଶକ୍ତିସ୍ୱରୂପିଣୀ ଦେବୀ ବୋଲି ପରିଚିତ ହେଲେ । ତେବେ ଓଡ଼ିଶାରେ ସର୍ବପ୍ରଥମ ଶାକ୍ତଦେବୀ ହେଉଛନ୍ତି ସ୍ତମ୍ଭେଶ୍ୱରୀ । ତା' ପରେ ପ୍ରତୀକ ଶବ୍ଦରୁ ପ୍ରତିମା ଶବ୍ଦ ଉତ୍ପନ୍ନ ହେବାର ଓଡ଼ିଶାରେ ଦେବୀ ଉପାସନା ପୀଠରେ ଶକ୍ତିଙ୍କ ପୂଜା ବିକାଶ ଲାଭ କରିବା ଅତି ଆନନ୍ଦର ବିଷୟ । ଗଜପତି କପିଳେଶ୍ୱର ଦେବ କୃଷ୍ଣାନଦୀ ତଟ ଦେଶରେ କନକ ଦୁର୍ଗା ସ୍ଥାପନ କରି ନିଜର ଶକ୍ତି ପ୍ରଦର୍ଶନରେ ଗୌରବାନ୍ୱିତ ହୋଇଥିଲେ ଓ ଦେବୀ ଦୁର୍ଗା ଶକ୍ତି ସ୍ୱରୂପିଣୀ ପ୍ରମାଣ କରିଥିଲେ ।

ଦେଶକୁ ଶତ୍ରୁଙ୍କ କବଳରୁ ରକ୍ଷା କରିବା ପାଇଁ ସାଧାରଣତଃ ଚାରି ପ୍ରକାର ଶକ୍ତି ପ୍ରୟୋଜନ । ତାହା ହେଲା ବିତ୍ତଶକ୍ତି, ଜ୍ଞାନଶକ୍ତି, ସିଦ୍ଧିଶକ୍ତି ଓ କ୍ଷାତ୍ରଶକ୍ତି । ସୁତରାଂ ଦେବୀ ଦୁର୍ଗା ଏହି ଚାରିଟି ଶକ୍ତିର ଅଧିଷ୍ଠାତ୍ରୀ ଦେବୀ ଭାବରେ ପରିଚିତ । କାରଣ ବିତ୍ତଶକ୍ତିର ଅଧିକାରିଣୀ ଭାବରେ ଦେବୀ ମହାସରସ୍ୱତୀ, ଗଣଶକ୍ତିଙ୍କୁ ପ୍ରତିହତ କରିବା ପାଇଁ ଗଣପତି ଗଣନାଥ ଗଣଶକ୍ତି ବା ସିଦ୍ଧଶକ୍ତି, ଶେଷରେ କାର୍ତ୍ତିକେୟଙ୍କୁ ଦର୍ପଧ୍ୱଂସୀ ରୂପେ ପ୍ରତିପାଦନ କରିବାକୁ ଯାଇ ତାଙ୍କୁ କ୍ଷାତ୍ରଶକ୍ତିରେ ଅବତାରଣ କରାଇଥାନ୍ତି । ମହିଷାସୁରଙ୍କ ସମୂଳେ ବଧ କରିବା ପାଇଁ ଦୁର୍ଗାଦେବୀ ଯେଉଁଦିବ୍ୟ ଭାବନାର ଅଧିକାରୀ ହୁଅନ୍ତି ସେଥିପାଇଁ ସେ ମାତୃଶକ୍ତିର ସାକାର ରୂପା ।

ସର୍ବଶେଷରେ ଏତିକି ସ୍ୱୀକାର କରାଯାଇ ପାରେ ଯେ ଶକ୍ତି ସ୍ୱରୂପିଣୀ ଦୁର୍ଗାଦେବୀ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିଜର ଶକ୍ତିର ସାକାର ରୂପକୁ ଚରିତାର୍ଥ କରିବାକୁ ଯାଇ ଝଙ୍କଡରେ ଶାରଳା, କାକଟପୁରରେ ମଙ୍ଗଳା, କୋଣାର୍କରେ ରାମଚଣ୍ଡୀ, ପୁରୀରେ ବିମଳା, ବାଙ୍କିରେ ଚର୍ଚ୍ଚିକାଇ, ସମ୍ବଲପୁରରେ ସମଲାଇ, ଯାଜପୁରରେ ବିରଜାଇ, ପଶ୍ଚିମ ପ୍ରାନ୍ତରେ ହିଂଗୁଳାଇ, ଭୁବନେଶ୍ୱରରେ ଗଉରୀ, ବାଣପୁରରେ ଭଗବତୀ ଓ ଉତ୍ତର ଦିଗରେ ଚଣ୍ଡୀ ନାମ ଧାରଣ କରି ପ୍ରସିଦ୍ଧାର୍ଜନ କରିବା କମ୍ ଗୌରବର କଥା ନୁହେଁ ।

## ଟିକିଏ ହସନ୍ତୁ

ଶାଶୁ ବୋହୂକୁ : ଯେବେ ମୁଁ ମା' ହେବାକୁ ଯାଉଥିଲି ମୁଁ ଯାହାବି ଖାଇପିଇ ଥିଲି, ଆଜି ସେସବୁ ମୋ ପୁଅର ବହୁତ ପସନ୍ଦ ।
ବୋହୂ : ମା', ଆପଣ ବୋଧେ ସେଇ ସମୟରେ ସିଗାରେଟ୍ ଓ ମଦ ବି ପିଇଥିଲେ । ସେଥିପାଇଁ ତ ସିଏ ଏସବୁକୁ ଛାଡିପାରୁ ନାହାନ୍ତି ।

× × × ×

ବାପା ପୁଅକୁ ରାଗିକି : ମୁଁ ତତେ ବଜାରରୁ ପୁଦିନା ପତ୍ର ଆଣିବାକୁ କହିଥିଲି । ତୁ ନେଇ ଆସିଲୁ ଧନିଆ ପତ୍ର । ତୋ ଦ୍ୱାରା ଗୋଟେ ବି କାମ ଠିକ୍‌ରେ ହେବନି । ତୋ ଭଳି ମୂର୍ଖଙ୍କୁ ଘରୁ ବାହାର କରିଦେବା କଥା ।
ପୁଅ : ବାପା, ଚାଲ ଏକା ସାଙ୍ଗରେ ଘରୁ ବାହାରି ଯିବା ।
ବାପା : କାହିଁକି ?
ପୁଅ : କାରଣ ମାମା କହିଲା ଏଇଟା ଧନିଆ ପତ୍ର ନୁହଁ, ମେଥି ପତ୍ର ।

× × ×

ପ୍ରେମିକ ପ୍ରେମିକାକୁ କାର୍‌ରେ ବସାଇ ବୁଲାଇବାକୁ ନେଉଥାଏ ।
ପ୍ରେମିକା : ଆମେ କୁଆଡ଼େ ଯାଉଛେ ?
ପ୍ରେମିକ : ଲଙ୍ଗ ଡ୍ରାଇଭରେ ।
ପ୍ରେମିକା : ଆଗରୁ କାହିଁକି କହିଲନି ?
ପ୍ରେମିକ : ମୁଁ ତ ନିଜେ ଏବେ ଜାଣିଲି ।
ପ୍ରେମିକା : କେମିତି ?
ପ୍ରେମିକ : ବ୍ରେକ୍ ଲାଗୁ ନ ଥିବାରୁ ।



× × × ×

ପୁଅ : ତୁମର ନାଁ କ'ଣ ?
ଝିଅ : ସାଇଲେଣ୍ଟ ଲେଡି ।
ପୁଅ : ଇଏ କେମିତିଆ ନାଁ ?
ଝିଅ : ଆରେ ଶାନ୍ତି ବାଈ ।

× × × × × ×

ପିଣ୍ଟୁ : ଆରେ ଭାଇ ତେଲ ତ ଦେଲ ହେଲେ ଏହା ସହିତ ଥିବା ଗିଫ୍ଟ କ'ଣ ପାଇଁ ଦେଲନି ?
ଦୋକାନୀ : ସେଥିରେ କୌଣସି ଗିଫ୍ଟ ଫ୍ରି ନାହିଁ ।
ପିଣ୍ଟୁ : ବୋକା ବନଉଛ ମତେ । ଏଥିରେ ଲେଖା ଅଛି କୋଲେଷ୍ଟ୍ରଲ ଫ୍ରି ।

× × × × × ×

ମନ୍ଟୁ : ମୁଁ ଆପଣଙ୍କ ଝିଅକୁ ବାହା ହେବାକୁ ଚାହୁଁଛି ।
ଝିଅର ବାପା : କ'ଣ କର ତୁମେ ?
ମନ୍ଟୁ : ବାବୁ ଅଛି ।
ଝିଅର ବାପା : କେଉଁ ବିଭାଗରେ ?
ମନ୍ଟୁ : ସାର୍, ଆପଣଙ୍କ ଝିଅର ବାବୁ ମୁଁ ।

× × × × × ×

ଶିକ୍ଷକ : ଚିଣ୍ଟୁ ତୁ ଯଦି ସଚ୍ଚୋଟ ମନରେ ପ୍ରାର୍ଥନା କରିବୁ ନିଶ୍ଚୟ ସଫଳ ହେବୁ ।
ଚିଣ୍ଟୁ : ଯଦି ସେମିତି ହୋଇଥାନ୍ତା ତା' ହେଲେ ଆପଣ ମୋର ସାର୍ ନୁହଁ ଶଶୁର ହୋଇଥାନ୍ତେ ।

ଶ୍ରୀକ୍ଷେତ୍ର
ବର୍ଷ ୨୫, ସଂଖ୍ୟା-୩୭, ୧୦ - ୧୬ ଅକ୍ଟୋବର ୨୦୨୧

# ନବୀନଙ୍କ ପ୍ରଭାବ ଅତୁଟ


୨୦୧୯ରେ ବିଜେପୁର, ୨୦୨୦ରେ ତିର୍ତ୍ତୋଲ ଓ ବାଲେଶ୍ୱର । ୨୦୨୧ ରେ ପିପିଲି । ୨୦୧୯ ସାଧାରଣ ନିର୍ବାଚନ ପର ଠାରୁ ଏ ଯାଏ ହୋଇଥିବା ଚାରିଟି ଉପନିର୍ବାଚନରେ ବିଜେଡିର ବିଜୟ ଧାରା ଜାରି ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ବିଜୟର ବ୍ୟବଧାନ ବି ବଢୁଛି । ଶାସନର ପଞ୍ଚମ ପାଳିରେ ନବୀନ ଯାଦୁ ସେମିତି ଅକ୍ଷତ ରହିଛି ଓ ବିଜେଡି ତା'ର ଭୋଟ୍ ବ୍ୟାଙ୍କକୁ ସହିସଲାମତ ରଖୁଛି । ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜର ପାରମ୍ପରିକ ଆସନ ହିଞ୍ଜିଳି ସହ ବିଜେପୁରରେ ଲଢ଼ିଥିଲେ । ଉଭୟ ଆସନ ଜିତିଲା ପରେ ସେ ବିଜେପୁର ଛାଡି ଦେଇଥିଲେ । ସେଠାରେ ରୀତା ସାହୁ ପ୍ରାର୍ଥୀ ହୋଇଥିଲେ ଓ ସର୍ବକାଳୀନ ରେକର୍ଡ ଭୋଟରେ ବିଜୟୀ ହୋଇଥିଲେ । ସାଧାରଣ ନିର୍ବାଚନ ପରେ ବିଜୟର ଧାରା ନବୀନ ପୁଣି ଆରମ୍ଭ କରିଥିଲେ । ୨୦୨୦ ରେ ତିର୍ତ୍ତୋଲ ବିଜେଡି ବିଧାୟକ ବିଷ୍ଣୁ ଦାସ ଓ ବାଲେଶ୍ୱର ବିଜେପି ବିଧାୟକ ମଦନ ମୋହନ ଦତ୍ତଙ୍କ ଅକାଳ ବିୟୋଗରେ ଦୁଇଟି ଆସନ ଖାଲି ହୋଇଥିଲା । ୨୦୨୦ ନଭେମ୍ବର ମାସରେ ହେଲା ଉପନିର୍ବାଚନ । ତିର୍ତ୍ତୋଲରେ ବିଜେଡି ତା'ର ଗଡ଼ ବଜାୟ ରଖିଲା ଓ ସ୍ୱର୍ଗତ ଦାସଙ୍କ ପୁଅ ବିଜୟ ଶଙ୍କର ଦାସ ବିଜୟୀ ହେଲେ ।

କିନ୍ତୁ ଅପ୍ରତ୍ୟାଶିତ ଭାବେ ବିଜେପି ଠାରୁ ବାଲେଶ୍ୱର ଆସନ ଛଡ଼ାଇ ଆଣିଲା ବିଜେଡ଼ି । ସ୍ୱର୍ଗତ ଦତ୍ତଙ୍କ ପୁଅ ବିଜେପୁର ପ୍ରାର୍ଥୀ ହୋଇଥିଲେ ବି ଅନୁକମ୍ପା ଭୋଟ୍ ବିଜେଡିର ବାଟ ଓଗାଳିପାରି ନ ଥିଲା । ବିଜେଡି ଜଣେ ନୂଆ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ମଇଦାନକୁ ଓହ୍ଲାଇଥିଲା ଓ ସେ ବିଜୟୀ ହୋଇଥିଲେ । ସାଧାରଣ ନିର୍ବାଚନ ତୁଳନାରେ ତିର୍ତ୍ତୋଲରେ ବିଜେଡିର ଭୋଟ୍ ବ୍ୟବଧାନ ବଢ଼ିଥିଲା । ଆଉ ବାଲେଶ୍ୱରରେ ସାଧାରଣ ନିର୍ବାଚନରେ ସ୍ୱର୍ଗତ ଦତ୍ତ ଯେତିକି ଭୋଟ୍ ବ୍ୟବଧାନରେ ଜିତିଥିଲେ ଉପନିର୍ବାଚନରେ ବିଜେଡି ତାହା ଠାରୁ ଢ଼େର ଅଧିକ ଭୋଟରେ ଆସନଟି ନିଜ ଦଖଲକୁ ଆଣିଲା । ପିପିଲିର ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ସେହି ଆସନରେ ଉପନିର୍ବାଚନ ହେଲା । ଏଥିରେ ମଧ ବିଜେଡ଼ିର ବିଜୟ ଧାରା ଜାରି ରହିଲା । ମହାରଥୀଙ୍କ ପୁଅ ରୁଦ୍ର ମହାରଥୀ ପ୍ରାର୍ଥୀ ହେଲେ । ସାଧାରଣ ନିର୍ବାଚନ ଠାରୁ ରୁଦ୍ର ମହାରଥୀ ଅଧିକ ଭୋଟ୍ ପାଇଲେ ଓ ଅଧିକ ଭୋଟ୍ ବ୍ୟବଧାନରେ ବିଜୟୀ ହେଲେ ।

ବିଜେପୁର ଉପନିର୍ବାଚନରେ ନବୀନ ସିଧାସଳଖ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ । ତିର୍ତ୍ତୋଲ ଓ ବାଲେଶ୍ୱର ପାଇଁ ଭର୍ଚୁଆଲ ପ୍ରଚାର କରିଥିଲେ । ପିପିଲି ଉପନିର୍ବାଚନରେ ସେ ପ୍ରଚାରରେ ସେ ସାମିଲ ହୋଇ ନ ଥିଲେ । କିନ୍ତୁ ନବୀନଙ୍କ ଭାବମୂର୍ତ୍ତି ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ପାଥେୟ କରି ବିଜେଡି ଉପନିର୍ବାଚନ ଲଢ଼ିବାରେ କୌଣସି ସମସ୍ୟା ହୋଇ ନ ଥିଲା । ଦଳକୁ ତାହାର ସୁଫଳ ମିଳିଥିଲା । ସାଧାରଣ ନିର୍ବାଚନ ସହ ପ୍ରତିଟି ଉପନିର୍ବାଚନରେ ନବୀନଙ୍କ ଭାବମୂର୍ତ୍ତି ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ହିଁ ମୁଖ୍ୟ ଅସ୍ତ୍ର କରିଛି ବିଜେଡି । ଏହା ସହ ପ୍ରତି ନିର୍ବାଚନରେ ତୃଣମୂଳ ସ୍ତରରେ ନିର୍ବାଚନ ପରିଚାଳନାକୁ ବିଜେଡି ସର୍ବାଧିକ ଗୁରୁତ୍ୱ ଦେଉଥିବା ଲକ୍ଷ୍ୟ କରାଯାଇଛି । ପଞ୍ଚାୟତ ୱାରି ବିଧାୟକ ଓ ନେତାମାନଙ୍କୁ ଦାୟିତ୍ୱ ବାଣ୍ଟି ଏକ ପ୍ରକାର ଟାର୍ଗେଟ୍ ଦିଆଯାଉଛି । ପ୍ରତି ସ୍ତରରେ ବରିଷ୍ଠ ନେତାମାନେ ଏହାକୁ ତଦାରଖ କରୁଛନ୍ତି । ଭୋଟ୍ ଗଣତି ଯେପରି ଓଲଟ ପାଲଟ ନ ହୁଏ, ସେଥି ପ୍ରତି ନେତାମାନଙ୍କୁ ତାଗିଦ୍ କରାଯାଉଛି । ନିର୍ବାଚନରେ ପ୍ରାର୍ଥୀ ସିନା ଜିତୁଛନ୍ତି, କିନ୍ତୁ ସବୁ ରଣନୀତିରେ ଦଳର ରାଜ୍ୟ ସ୍ତରରେ ହିଁ କରାଯାଉଛି । ଦଳୀୟ ନେତାମାନଙ୍କ ମଧରେ ଯାହା ଅସନ୍ତୋଷ ଥିଲେ ମଧ ଏକାଠି ଯୋଜନାବଦ୍ଧ ଭାବେ ନିର୍ବାଚନ ଲଢ଼ି ବାରମ୍ବାର ସଫଳତାକୁ ଦୋହରାଇ ଚାଲିଛନ୍ତି । ସବୁଠି ବିଜେପି ଜୋରଦାର ଲଢ଼େଇ କରୁଛି । ଶାସକ ଦଳକୁ କଡ଼ା ଟକ୍କର ଦେଉଛନ୍ତି । ଦଳର ଭୋଟ୍ ହାର ବଢୁଛି । କିନ୍ତୁ ସଫଳତା ଛୁଇଁବା ଏ ଯାଏଁ ସହଜ ହେଉ ନାହିଁ । ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସକୁ ବହୁ ପଛକୁ ଠେଲି ଦେଇ ବିଜେପି ମୁଖ୍ୟ ବିରୋଧୀ ଦଳର ମାନ୍ୟତା ପାଇଛି ସତ । କିନ୍ତୁ ସଂଖ୍ୟା ଗଣିତରେ ବିଜେଡି ଠାରୁ ଯଥେଷ୍ଟ ପଛରେ ରହିଛି ବିଜେପି । ବିଜେଡିକୁ ପଛକୁ ଠେଲି ଏକ ନମ୍ବରକୁ ଆସିବା ପାଇଁ ଦଳର ରଣନୀତି ସେତିକି ଦୃଢ଼ ହୋଇପାରୁ ନାହିଁ । ନିର୍ବାଚନ ବେଳେ ତୃଣମୂଳ ସ୍ତରରେ ଏହି ରଣନୀତିର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି । ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ତାହାର ଅବ୍ୟବହିତ ପୂର୍ବରୁ ପିପିଲି ଉପନିର୍ବାଚନର ଫଳାଫଳ ନିଶ୍ଚିତ ଭାବେ ରାଜ୍ୟ ରାଜନୀତିକୁ ସରଗରମ ରଖିବ । ବିଜେଡି ଶିବିରକୁ ଏହା ଚଳଚଞ୍ଚଳ କରି ଦେଇଛି । ତ୍ରୁଟି ସୁଧାରି ବିଜେପି କିପରି ଆଗାମୀ ଦିନରେ ମୁକାବିଲା ପାଇଁ ରଣନୀତି କରୁଛି, ତାହା ଉପରେ ରାଜନୈତିକ ମହଲର ନଜର ରହିଛି । ଆଉ କଂଗ୍ରେସ ତାହାର ଶୋଚନୀୟ ସ୍ଥିତିକୁ ମୁକୁଳିବ ନା ଭୋଟ୍ ରାଜନୀତିରେ ଅପ୍ରାସଙ୍ଗିକ ହୋଇ ରହିବ, ତାହା ମଧ ବଡ଼ ପ୍ରଶ୍ନବାଚୀ ।

# ସାମୂହିକ ବିବେକ

## ମହାତ୍ମା ଗାନ୍ଧୀ



ସାଧାରଣ ସ୍ଥାନଗୁଡିକୁ ପରିଚ୍ଛନ୍ନ ରଖିବା ଉପରେ ଗୁରୁତ୍ୱ ଦେଲେ ଏବଂ ସେଥିଲାଗି ଏକ ସାମୂହିକ ବିବେକ ରହିଥିଲେ ଯାଇ ସାମୂହିକ ପରିଚ୍ଛନ୍ନତା ସୁନିଶ୍ଚିତ ହୋଇ ପାରିବ । ବ୍ୟକ୍ତିଗତ ହେଉ ଅଥବା ସାମୂହିକ ହେଉ, ଆମ ରାସ୍ତା ଓ ଆମ ପାଇଖାନାଗୁଡିକରେ ଯେ ସ୍ୱଚ୍ଛତାର ଅଭାବ ରହିଛି, ସେଥିଲାଗି ଅସ୍ପୃଶ୍ୟତାକୁ ବହୁ ପରିମାଣରେ ଦାୟୀ କରାଯାଇପାରିବ । ମୂଳରେ ଯେପରି ଭାବରେ କଳ୍ପନା କରା ହୋଇଥିଲା, ଅସ୍ପୃଶ୍ୟତା ଏକ ନିୟମ ହୋଇ ରହିଥିଲା ଏବଂ ବର୍ତ୍ତମାନ ମଧ ଭାରତ ବାହାରେ ପୃଥିବୀର ସବୁଆଡ଼େ ତାହାହିଁ ହୋଇ ରହିଛି । ଅର୍ଥାତ୍ ଜଣେ ଅପରିଷ୍କାର ମନୁଷ୍ୟ ଅଥବା ବସ୍ତୁକୁ ଅସ୍ପୃଶ୍ୟ ବୋଲି କୁହା ଯାଉଥିଲା ଏବଂ ତାହାର ସେହି ଅପରିଚ୍ଛନ୍ନତା ଦୂର ହୋଇଯିବା ସଙ୍ଗେ ସଙ୍ଗେ ତାହାକୁ ଆଉ ଅସ୍ପୃଶ୍ୟ ବୋଲି ମନେ କରାଯାଉ ନଥିଲା । ତେଣୁ, ଯେଉଁ ବ୍ୟକ୍ତି ଉପରେ ମଳ ପରିଷ୍କାର କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଛି, ସିଏ ବେତନ ପାଉଥିବା ଜଣେ ମେହେନ୍ତର ହୋଇଥାଉ ଅଥବା ବେତନ ପାଉ ନଥିବା ଜଣେ ମାଆ ହୋଇଥାଉ ପଛକେ, ନିଜର ଅପରିଷ୍କାର କାର୍ଯ୍ୟଟି କରିବାରେ ସେମାନେ ଧୁଆଧୋଇ ହୋଇ ପରିଷ୍କାର ହେବା ପର୍ଯ୍ୟନ୍ତ ସେମାନେ ଅପରିଚ୍ଛନ୍ନ ହିଁ ହୋଇ ରହିଛନ୍ତି ।

ଟିକସ ବସାଇବା ଏବଂ ପଇସା ଦେଇ କାମ କରାଇବାର ସରଳ ମାର୍ଗଟି ଦ୍ୱାରା କୌଣସି ମ୍ୟୁନିସିପାଲିଟି ଅପରିଚ୍ଛନ୍ନତା ମଇଳା ଜମା ହେବା ସମସ୍ୟାଟିର ସମାଧାନ କରି ପାରିବ ନାହିଁ । ଧନୀ ଓ ଦରିଦ୍ର ସବୁ ଲୋକଙ୍କର ସମ୍ପୂର୍ଣ୍ଣ ଏବଂ ସ୍ୱତଃପ୍ରବୃତ୍ତ ସହଯୋଗ ଦ୍ୱାରା ହିଁ ଏହି ଅତି ମହତ୍ତ୍ୱପୂର୍ଣ୍ଣ ସଂସ୍କାରଟି ସମ୍ଭବ ହୋଇ ପାରିବ ।

କୌଣସି ଲୋକାଲ ବୋର୍ଡ଼ କିମ୍ବା ମ୍ୟୁନିସିପାଲିଟିର ସେବାକ୍ଷେତ୍ର ଭିତରେ ଯଦି ମୁଁ ଜଣେ ଟିକସଦାତା ହୋଇଥାନ୍ତି, ତେବେ ମୁଁ ଅଧିକ ଗୋଟିଏ ପଇସା ବି ଟିକସ ଦିଅନ୍ତି ନାହିଁ ଏବଂ ଆମେ ଦେଉଥିବା ପଇସା ଚାରିଗୁଣ ହୋଇ ଆମ ପାଖକୁ ଫେରି ଆସିବା ପର୍ଯ୍ୟନ୍ତ ଅନ୍ୟମାନଙ୍କୁ ମଧ ସେହିକଥା କରିବାକୁ ପରାମର୍ଶ ଦିଅନ୍ତି । ଯେଉଁମାନେ ପ୍ରତିନିଧି ହୋଇ ଲୋକାଲ ବୋର୍ଡ ଏବଂ ମ୍ୟୁନିସିପାଲିଟି ଗୁଡିକୁ ଯାଉଛନ୍ତି, ସେମାନେ ସେଠାରେ ସମ୍ମାନିତ ହୋଇ ରହିବାକୁ ଅଥବା ନିଜ ଭିତରେ କଳହ କରିବାକୁ ଯାଉଛନ୍ତି ଏବଂ ତାହା ପଇସା ଉପରେ ଆଦୌ ନିର୍ଭର କରେନାହିଁ ।

ଆମ ଦେଶ ଗୋଟିଏ ନଥିଲାବାଲା ଦେଶ । ଯଦି ମ୍ୟୁନିସିପାଲିଟିରେ ବସୁଥିବା ଆମର ପ୍ରତିନିଧିମାନେ ସେବାରେ ଏକ ଯଥାର୍ଥ ଭାବଦ୍ୱାରା ଅନୁପ୍ରାଣିତ ହେବେ, ତେବେ ଆଦୌ କୌଣସି ବେତନ ନନେଇ ସେମାନେ ନିଜକୁ ଝାଡୁଦାର ଓ ମେହେନ୍ତର କରି ନେବେ, ସେମାନେ ରାସ୍ତା ତିଆରି କରିବେ ଏବଂ ଏହିସବୁ କାର୍ଯ୍ୟ କରି ଗର୍ବ ଅନୁଭବ କରିବେ । ସେମାନଙ୍କର ସତୀର୍ଥ ଯେଉଁ ଅନ୍ୟ ପ୍ରତିନିଧିମାନେ କଂଗ୍ରେସ ଟିକଟରେ ନିବାଚିତ ହୋଇ ଆସି ନଥିବେ, ସେମାନଙ୍କୁ ମଧ ସେମାନେ ସେମାନଙ୍କ ସହିତ ଆସି ଯୋଗ ଦେବାକୁ ଆମନ୍ତ୍ରଣ ଜଣାଇବେ, ଏବଂ ଯଦି ସେମାନଙ୍କର ନିଜ ଉପରେ ଓ ନିଜ କର୍ମବ୍ରତଟି ଉପରେ ବିଶ୍ୱାସ ରହିଥାଏ, ତେବେ ସେମାନଙ୍କର ଉଦାହରଣ ଅନୁସନ୍ଧନ ଲାଭ କରିବାରେ କଦାପି ବିଫଳ ହେବ ନାହିଁ । ଏହାର ଅର୍ଥ ହେଉଛି ଯେ ମ୍ୟୁନିସିପାଲିଟିର ଜଣେ ପ୍ରତିନିଧିକୁ ନିଜର ସମସ୍ତ ସମୟ ଦେଇ ସେହି କାର୍ଯ୍ୟଟିକୁ କରିବାକୁ ପଡିବ । ସେହି କାର୍ଯ୍ୟରେ ତା' ନିଜର କୌଣସି ସ୍ୱାର୍ଥ ରହିବ ନାହିଁ । ପରବର୍ତ୍ତୀ କାର୍ଯ୍ୟକ୍ରମ ରୂପେ ମ୍ୟୁନିସିପାଲିଟି ଅଥବା ଲୋକାଲ୍ ବୋର୍ଡର କ୍ଷେତ୍ର ଭିତରେ ରହିଥିବା ସବୁଯାକ ବୟସ୍କ ବ୍ୟକ୍ତିମାନଙ୍କର ଏକ ସୁମାରି କରାଯିବ । ମ୍ୟୁନିସିପାଲିଟିର ନାନା କାର୍ଯ୍ୟରେ ସେମାନଙ୍କୁ ନିଜ ନିଜର ଅବଦାନ ଦେବାକୁ କୁହାଯିବ । ଏଥିପାଇଁ ଗୋଟିଏ ନିୟମିତ ଖାତା ରହିବ । ଯେଉଁମାନେ ଦାରିଦ୍ର୍ୟର କାରଣରୁ ଅର୍ଥଆକାରରେ କିଛି ଦେଇ ନ ପାରିବେ, ମାତ୍ର ଯେଉଁମାନଙ୍କର ଶରୀର ସୁସ୍ଥ ଓ ସବଳ ଥିବ, ସେମାନଙ୍କୁ ବିନା ମଜୁରିରେ ଆପଣାର ଶ୍ରମ ଦେବାକୁ କୁହାଯାଇ ପାରିବ ।

# କାଢ଼ା ପିଉଥିଲେ ସତର୍କ ରହନ୍ତୁ

ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ କରୋନା ଭାଇରସ୍ କବଳରୁ ରକ୍ଷା ପାଇବା ନିମନ୍ତେ 'କାଢ଼ା ପିଇବା'କୁ ଅଧିକାଂଶ ଲୋକେ ପ୍ରାଧାନ୍ୟ ଦେଉଛନ୍ତି । ବିଶେଷଜ୍ଞ ଦଳ ନିକଟରେ ଏହା ଉପରେ ଅନୁଧାନ କରି ତଥ୍ୟ ପ୍ରକାଶ କରିଛନ୍ତି । କାଢ଼ା ଦିନକୁ ଥରୁଟିଏ ସକାଳବେଳା ପିଇବା ଉଚିତ । ହେଲେ ସାଧାରଣ ଲୋକଙ୍କ ଚିନ୍ତାଧାରା ଯେ ଏହି ପାନୀୟକୁ ଅଧିକ ଥର ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ପ୍ରକୃତରେ କିନ୍ତୁ ଅଧିକ ଥର କାଢ଼ା ପିଇବା ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ ।

ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ପ୍ରତିଦିନ ଫଳ ଓ କ୍ଷୀର ସେବନ କରିବା ଉଚିତ । ଯୋଗ, ବ୍ୟାୟାମ କରିବା ସହ ପୋଷକତତ୍ତ୍ୱ ଭରପୂର ପନିପରିବା ଖାଇବା ଉପରେ ବରଂ ପ୍ରାଧାନ୍ୟ ଦିଅନ୍ତି ।

ବିଶେଷଜ୍ଞଙ୍କ କହିବାନୁସାରେ କାଢ଼ାରେ ମହଜୁଦ୍ ଥିବା ତତ୍ତ୍ୱ ଆମ ବୃକକ୍ ଓ ଯକୃତ ଉପରେ ପ୍ରଭାବ ପକାଇଥାଏ । ଅଧିକ ଥର କାଢ଼ା ପିଇଲେ ଲିଭର୍ ଏପ୍ସିସ୍ ଓ ପେଟରେ ଅଲ୍ସର୍ ହେବାର ଆଶଙ୍କା ବଢ଼ିଥାଏ ।

କାଢ଼ା ପିଇବାର ପ୍ରକୃଷ୍ଟ ସମୟ ହେଉଛି ସକାଳବେଳା । କରୋନାର ପ୍ରକୋପ ପରେ ୪୧% ଲୋକ ୪-



୫ଥର ଏହି ପାନୀୟ ପିଇଥିଲେ । ଏହା କାରଣରୁ ବରଂ ସେମାନଙ୍କ ସ୍ୱାସ୍ଥ୍ୟ ଅଧିକ ପ୍ରଭାବିତ ହୋଇଥିଲା । ଏଣୁ କାଢ଼ା ଅଧିକ ଥର ନ ପିଇ ନିଜ ଖାଦ୍ୟ ତାଲିକାରେ ପୋଷକତତ୍ତ୍ୱ ଭରପୂର ପନିପରିବା, ଫଳମୂଳକୁ ସାମିଲ କରାଇବା ଉଚିତ ।

# ଶ୍ୱାସ ରୋଗ ଦୂର କରେ ଭେଣ୍ଡି ଜୁସ୍

ଭେଣ୍ଡିରେ ପ୍ରଚୁର ପରିମାଣର ଭିଟାମିନ୍ ରହିଛି । ଭେଣ୍ଡିରେ ପ୍ରଚୁର ପୋଷକ ତତ୍ତ୍ୱ ରହିଛି । ଏଥିରେ ଭିଟାମିନ୍ ସି' ଓ ମ୍ୟାଗ୍ନେସିୟମର କାର୍ବୋହାଇଡ୍ରେଟ, ଫୋଲେଟ, ଫାଇବରର ଉତ୍ତମ ସ୍ରୋତ ରହିଛି । ଶ୍ୱାସ ରୋଗୀମାନେ ଭେଣ୍ଡି ଖାଇବା ଖୁବ୍ ଲାଭଦାୟକ । ଭେଣ୍ଡି ଇମ୍ୟୁନି ସିଷ୍ଟମକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । କୋଲେଷ୍ଟେରଲ ସ୍ତର କମ୍ କରିବାରେ ଭେଣ୍ଡି ସହାୟକ ହୁଏ । ବ୍ଲଡ ସୁଗାର ଥିବା ବ୍ୟକ୍ତି ଭେଣ୍ଡି ଖାଇବା ଖୁବ୍ ଭଲ । ବିଶେଷକରି ଭେଣ୍ଡି ଜୁସ୍ ପିଇବା ବହୁତ ଭଲ । କିଡନୀ ରୋଗୀଙ୍କ ପାଇଁ ଭେଣ୍ଡି ବହୁତ ଲାଭଦାୟକ ପରିବାଟିଏ । ଓଜନ କମ୍ କରିବାକୁ ଚାହୁଁଥିଲେ ଭେଣ୍ଡି ଜୁସ୍ ନିହାତି ପିଅନ୍ତୁ । ଅପଚ ବା ବଦହଜମି ଦୂର କରିବା ପାଇଁ ଭେଣ୍ଡି ଜୁସ୍ ପିଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି ।

## ଓଜନ କମ୍ କରିବାରେ ସହାୟକ କାକୁଡି

ଆମ ଗ୍ରୀଷ୍ମପ୍ରଧାନ ଦେଶରେ କାକୁଡିର ଆଦର ରହିଛି । ଏହାର ରସ ପିଇବା ସହ ଅଧିକାଂଶ କାକୁଡି ସାଲାଡ ଖାଇବାକୁ ପସନ୍ଦ କରିଥାନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ କାକୁଡିକୁ ଖାଲିପେଟରେ ଖାଇବା ହାନିକାରକ ।



ଜଳଖିଆରେ ଦ୍ୱିପହର ଭୋଜନରେ ସାଲାଡ୍ ଭାବେ ଖାଇପାରିବେ । ରାତ୍ରିଭୋଜନରେ ମଧ ଖାଇ ପାରିବେ । କିନ୍ତୁ କେତେଜଣ ରାତିରେ କାକୁଡି ସାଲାଡ୍ ଖାଇବା କାରଣରୁ ଥଣ୍ଡା, ସର୍ଦ୍ଦି ରୋଗରେ ଆକ୍ରାନ୍ତ ହୋଇଥିବାର ଅନୁଧ୍ୟାନରୁ ପ୍ରକାଶ । ଏଣୁ ଡାକ୍ତରଙ୍କ ପରାମର୍ଶ ନେଇ ରାତିବେଳା ଖାଇବାର ନିଷ୍ପତ୍ତି ନେବେ ।

ଦ୍ୱିପହର ଭୋଜନ ପୂର୍ବରୁ କାକୁଡି ସାଲାଡ୍ ଖାଇଲେ ଆପଣଙ୍କ ପେଟ ଭର୍ତ୍ତି ହୋଇଯାଏ । ଏପରି କଲେ ଆପଣ ଅନ୍ୟାନ୍ୟ ବ୍ୟଞ୍ଜନ ଅପେକ୍ଷାକୃତ କମ୍ ଖାଇଥାନ୍ତି ।

ଉଚ୍ଚରକ୍ତଚାପ ରୋଗୀଙ୍କ ନିମନ୍ତେ କାକୁଡି ଖାଇବା ଭଲ । ନେଦରଲ୍ୟାଣ୍ଡ ବିଶେଷଜ୍ଞଙ୍କ କହିବାନୁସାରେ ୧ ମାସ ୧୫୦ ଲୋକଙ୍କୁ ସାମିଲ କରାଯାଇ କାକୁଡି ନିୟମିତ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ସେମାନଙ୍କ ରକ୍ତଚାପ ନିୟନ୍ତ୍ରଣ ରହିଥିବାର ପ୍ରକାଶ । ଓଜନ ନିୟନ୍ତ୍ରଣରେ ସହାୟକ କାକୁଡି ଶରୀରରୁ ଜଳାଭାବ ସମସ୍ୟା ମଧ ଦୂର କରେ ।

## ପେଟ ଚର୍ବି କମାଇବ ହଳଦୀ

ଓଜନ ହ୍ରାସ ମାମଲାରେ ହଳଦୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଟଫଟସ ୟୁନିଭର୍ସିଟିର ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ହଳଦୀରେ ଥିବା ଯୌଗିକ କର୍କୁମିନ୍ ମେଦବହୁଳତା ସହ ଲଢ଼ିବାରେ ସହାୟକ ହୋଇପାରେ । ଚର୍ବି କୋଷିକା ବୃଦ୍ଧିକୁ ଦମନ କରି ଅତିରିକ୍ତ ଚର୍ବି ଜମାଟ ବାନ୍ଧିବାକୁ ଦିଏ ନାହିଁ । ଅଧ୍ୟୟନରେ ପ୍ରୟୋଗ କରାଯାଇଥିବା ଭୂଷା ଓ କୋଷିକା ମଡେଲରେ ହଳଦୀ ଓଜନ ବୃଦ୍ଧି ହ୍ରାସ କରିଥିଲା । ଶରୀରରେ ପ୍ରଦାହ ହ୍ରାସ କରିବାରେ ହଳଦୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ, ଯାହା ଅନେକ ସମୟରେ ମେଦବହୁଳତା ସହ ସମ୍ପୃକ୍ତ । ପେଟର ସ୍ୱାସ୍ଥ୍ୟକୁ ହଳଦୀ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହିତ କରିଥାଏ, ଯାହା ଆପଣଙ୍କର ଓଜନ ହ୍ରାସ ଯାତ୍ରାକୁ ତ୍ୱରାନ୍ୱିତ କରିଥାଏ । ହଳଦୀ ପେଟରେ ବାଇଲ ଜୁସ୍ କ୍ଷରଣ ବୃଦ୍ଧିକରେ, ହଜମ ପ୍ରକ୍ରିୟାରେ ସହାୟକ ହୋଇଥାଏ ଏବଂ ଗ୍ୟାସ୍ ଦୂର କରେ । କର୍ମୁମିନ୍ ଥର୍ମୋଜେନେସିସ୍‌କୁ ପ୍ରୋତ୍ସାହିତ କରିଥାଏ । ମେଟାବଲିଜମକୁ ଏହା ପ୍ରୋତ୍ସାହିତ କରେ, ଫଳରେ ଓଜନ ହ୍ରାସ ପ୍ରକ୍ରିୟା ତ୍ୱରିତ ହୋଇଥାଏ ।



## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ମାଠିଆପାଣି

ଦିନଥିଲା ମାଟିରେ ତିଆରି ମାଠିଆ ଏବଂ ସୁରେଇର ବେଶ୍ ଚାହିଦା ଥିଲା । ଏଥିରେ ପାଣି ରଖି ପିଇବା ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ବେଶ୍ ଆରାମ ମିଳୁଥିଲା । କୌଣସି ପ୍ରକାର ରୋଗ କିମ୍ବା ସଂକ୍ରମଣ ହେବାର ଭୟ ନ ଥିଲା । କିନ୍ତୁ ଆଧୁନିକ ସମୟରେ ରେଫ୍ରିଜରେଟରରେ ଥିବା ପାଣିର ବ୍ୟବହାର ଦ୍ୱାରା ମଣିଷ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣୁଛି ।



ଦିନକୁ ଦିନ ତାପମାତ୍ରାରେ ବୃଦ୍ଧି ଯୋଗୁଁ ଶରୀର ନିସ୍ତେଜ ହୋଇ ପଡୁଛି । ଏ ସମୟରେ ଶରୀରର ତାପମାତ୍ରାକୁ ସନ୍ତୁଳିତ କରି ରଖିବା ନିତାନ୍ତ ଜରୁରୀ । ପ୍ରବଳ ଖରାରେ ବୁଲି ଆସିଲେ ଥଣ୍ଡା ପାଣି ଗ୍ଲାସେ ଲୋଡ଼ା ପଡିଥାଏ । ଏବେ ତ ଘରେ ଘରେ ଫ୍ରିଜରେ ପାଣିକୁ ଥଣ୍ଡା କରି ପିଇବା ଅନେକଙ୍କର ଅଭ୍ୟାସ ହୋଇଗଲାଣି । କିନ୍ତୁ ସମୟ ଥିଲା ଲୋକେ ମାଠିଆରେ ପାଣି ପିଉଥିଲେ । ଏହା ଦେହ ଓ ମନକୁ ବେଶ୍ ଆରାମ ପ୍ରଦାନ କରୁଥିଲା । ମାଠିଆ ପାଣିରେ ଅନେକ ଔଷଧୀୟ ଗୁଣ ରହିଛି । ଖାସ୍ କଥା ହେଲା, ଏହି ପାଣିକୁ ନିୟମିତ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଏହା ବ୍ୟତୀତ ମାଠିଆ ପାଣି ପିଇଲେ ଗଳା ସଂକ୍ରମଣର ଆଶଙ୍କା ନ ଥାଏ । ଫ୍ରିଜ ପାଣି ଯୋଗୁଁ ଅନେକ ସମୟରେ ଥଣ୍ଡା ଏବଂ ଗଳା ସଂକ୍ରମଣଜନିତ ସମସ୍ୟା ଉପୁଜିଥାଏ । ବେଳେବେଳେ ଏହା ଏତେ ମାରାତ୍ମକ ହୋଇଯାଏ ଯେ ଅସ୍ତ୍ରୋପଚାର ପର୍ଯ୍ୟନ୍ତ କଥା ଚାଲିଯାଏ । ଯାହାର ଭୟ ମାଠିଆ ପାଣିରେ ନ ଥାଏ । ଏହାଛଡ଼ା ଫ୍ରିଜରେ ରଖାଯାଉଥିବା ପ୍ଲାଷ୍ଟିକ୍ ବୋତଲରେ ଦୀର୍ଘଦିନ ପାଣି ରହିବା ଦ୍ୱାରା ବିଷତତ୍ତ୍ୱ ସୃଷ୍ଟି ହୋଇଥାଏ । କିନ୍ତୁ ମାଠିଆ ପାଣି ସମ୍ପୂର୍ଣ୍ଣ ଶୁଦ୍ଧ । ଏହାକୁ ଯେତେ ବାସି କରି ପିଇବେ ପେଟଜନିତ ବିଭିନ୍ନ ସମସ୍ୟାରୁ ରକ୍ଷା ପାଇ ପାରିବେ ।

## ସ୍ୱାସ୍ଥ୍ୟ ପାଇଁ ଜରୁରୀ କ୍ଷୀର

କ୍ଷୀରରେ ପର୍ଯ୍ୟାପ୍ତ ମାତ୍ରାରେ ଭିଟାମିନ୍, କ୍ୟାଲସିୟମ୍, ପ୍ରୋଟିନ୍, ଫସ୍ଫରସ୍ ଏବଂ ପୋଟାସିୟମ୍ ଭଳି ବହୁ ଉପାଦାନ ରହିଛି । କିନ୍ତୁ ଏହାକୁ କେତେବେଳେ ଥଣ୍ଡା ତ ଆଉ କେବେ ଉଷୁମ କରି ପିଇବାର ଆବଶ୍ୟକତା ରହିଛି । ଏହାଦ୍ୱାରା



ପ୍ରକୃତ ଶାରୀରିକ ଉପକାରିତା ମିଳିପାରିବ ।

ଏସିଡିଟି ସମସ୍ୟା ଥିଲେ ଏକ ଛୋଟ କପରେ ଥଣ୍ଡା କ୍ଷୀର ପିଅନ୍ତୁ । ଏହାଦ୍ୱାରା ଶରୀରରେ ଅମ୍ଳର ମାତ୍ରା ନିୟନ୍ତ୍ରଣାଧିନ ହୋଇଥାଏ ।

ରାତିରେ ଶୋଇବା ପୂର୍ବରୁ ସାମାନ୍ୟ ଉଷୁମ କ୍ଷୀର ପିଇବା ଉଚିତ୍ । ଏଥିରେ ଥିବା ଟ୍ରିପ୍ଟୋଫାନ୍ ଏମିନୋ ଏସିଡ୍ ଭଲ ନିଦ ହେବାରେ ସାହାଯ୍ୟ କରେ । ଡିହାଇଡ୍ରେସନ୍ ବା ନିର୍ଜଳୀକରଣ ହୋଇଥିଲେ ଏକ ଗ୍ଲାସ ଥଣ୍ଡା କ୍ଷୀର ପିଅନ୍ତୁ । ଏହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହ ଡିହାଇଡ୍ରେସନ୍ ଅସୁବିଧା ଦୂର କରିପାରିବ ।

ଦୀର୍ଘ ସମୟ ଧରି କମ୍ପ୍ୟୁଟର କିମ୍ବା ଟି.ଭି. ସାମ୍ନାରେ ବସି ରହିଥିଲେ ଆଖି ଜଳାପୋଡ଼ା ହେବା ଭଳି ସମସ୍ୟା ଦେଖାଦିଏ ।

ତ୍ୱଚାରେ ଚମକ ଆଣିବା ପାଇଁ ତିନି ଚାମଚ ଥଣ୍ଡା କ୍ଷୀରରେ ଏକ ଚାମଚ ଗୋଲାପ ଜଳ ମିଶାଇ ନିୟମିତ ସକାଳ ସନ୍ଧ୍ୟାରେ ତ୍ୱଚାରେ ଲଗାଇବା ଦରକାର । ଏହାଦ୍ୱାରା ବ୍ରଣ ଓ ତ୍ୱଚା ସଂକ୍ରମଣ ହେବାର ସମସ୍ୟା ଦେଖାଦିଏନି ।

କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଶୋଇବା ଆଗରୁ ଗରମ କ୍ଷୀରରେ ଏକ ଚାମଚ ବାଦାମ ତେଲ ମିଶାଇ ପିଅନ୍ତୁ । କୋଷ୍ଠକାଠିନ୍ୟ ଜନିତ କଷ୍ଟ ଦୂର ହୋଇଯିବ ।

ନିୟମିତ ଏକ ଗ୍ଲାସ ଉଷୁମ କ୍ଷୀରରେ ସାମାନ୍ୟ ଅଳେଇଚ ଗୁଣ୍ଡ ମିଶାଇ ପିଇଲେ ସ୍ମରଣ ଶକ୍ତି ବଢ଼ିଥାଏ । ଏକ ଗ୍ଲାସ ଉଷୁମ କ୍ଷୀରରେ ଏକ ଚାମଚ ବାଦାମ ପେଷ୍ଟ ମିଶାଇ ପିଇବା ଉଚିତ୍ । ଏହାଦ୍ୱାରା ଶରୀରକୁ ପ୍ରଚୁର ଶକ୍ତି ମିଳିଥାଏ ।

## ବିଲାତି ବାଇଗଣର ଲାଭକାରୀ ଗୁଣ

ବିଲାତି ବାଇଗଣ, ବିଲାତି ବା ଟମାଟୋ ନାମରେ ଏହା ଜଣାଶୁଣା । ରୋଷେଇ ଘରେ ଟମାଟୋର ସ୍ଥାନ ସ୍ୱତନ୍ତ୍ର । ତରକାରିକୁ ସ୍ୱାଦିଷ୍ଟ କରିବା ପାଇଁ କେବଳ ଏହାକୁ ବ୍ୟବହାର କରାଯାଏ ନାହିଁ । ଏହାକୁ କଞ୍ଚା ସାଲାଡ୍ କରି ଖାଇବା ବି ରୁଚିକର ହୋଇଥାଏ । ଟମାଟୋର ଗୁଣ ସଂପର୍କରେ ଆମେ କିଛି ଜାଣୁ ବା ନ ଜାଣୁ ଏହାକୁ ଖାଇବା ଦ୍ୱାରା ଆମକୁ ବହୁ ଉପକାର ମିଳିଥାଏ । ଏହା ଏକ ପୁଷ୍ଟିକର ପରିବା । ମନୁଷ୍ୟ ପାଇଁ ଏହା ପ୍ରକୃତିର ଏକ ଉପହାର । ଶରୀରକୁ ନିରୋଗ ରଖିବା ଏବଂ ଶକ୍ତି ପ୍ରଦାନ ପାଇଁ ଏହାକୁ ଖାଇବା ଦରକାର । ଏହା ଆମର କି କି ଉପକାର କରେ ଏବେ ଜାଣିରଖନ୍ତୁ ।

ଟମାଟୋରେ ଭିଟାମିନ୍ ଇ ଭରି ରହିଛି । ଏହା ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ରକ୍ଷା କରିଥାଏ । ଏଥିରେ ଆଇରନ୍, ସାଇଟ୍ରିକ୍ ମଧ ପ୍ରଚୁର ମାତ୍ରାରେ ରହିଛି । ତେଣୁ ଗର୍ଭବତୀ ମହିଳାଙ୍କ ପାଇଁ ଏହାର ଆବଶ୍ୟକତା ରହିଛି । ଏଥିରେ ଥିବା ଭିଟାମିନ୍ ବି ଗର୍ଭବତୀ ମହିଳାଙ୍କ ପାଇଁ ମଧ ଆବଶ୍ୟକ । କାରଣ ଏହା ରକ୍ତହୀନତା ଦୂର କରିଥାଏ ।

ମଧୁମେହରେ ପୀଡିତ ରୋଗୀ ପାଇଁ ଟମାଟୋ ଉପଯୋଗୀ । ଏହାଦ୍ୱାରା ମଧୁମେହର ପ୍ରକୋପ କମ୍ ହୋଇଥାଏ । ତେବେ କଞ୍ଚା ଟମାଟୋ ଅଧିକ ଉପକାରୀ ।



କୋଷ୍ଠବଦ୍ଧତା ଦୂର ପାଇଁ ଟମାଟୋ ସୁପ୍ ପିଇବା ଦରକାର । ଏହି ରୋଗ ଯେତେ ପୁରୁଣା ହେଲେ ବି ଟମାଟୋକୁ ଖାଦ୍ୟ ଭାବେ ଗ୍ରହଣ କରିବା ଦ୍ୱାରା ଆରୋଗ୍ୟ ଲାଭ ହୁଏ ।

ଯେତେ ପାଣି ପିଇଲେ ବି ଯଦି ଆପଣଙ୍କୁ ବାରମ୍ବାର ଶୋଷ ଲାଗୁଥାଏ ତେବେ ଟମାଟୋ ରସରେ କିଛି ଚିନି ଏବଂ ଲବଙ୍ଗ ଗୁଣ୍ଡ ମିଶାଇ ପିଇବା ଦ୍ୱାରା ତୃଷ୍ଣା ନିବାରିତ ହୋଇଥାଏ ।

ଦାନ୍ତମାଢ଼ିରୁ ରକ୍ତ ପଡୁଥିଲେ କଞ୍ଚା ଟମାଟୋ ଖାଆନ୍ତୁ । ଟମାଟୋ ରସ ପିଅନ୍ତୁ । ରକ୍ତ ପଡିବା ବନ୍ଦ ହୋଇଯିବ ।

ଦୁର୍ବଳ ସ୍ୱାସ୍ଥ୍ୟର ବ୍ୟକ୍ତିମାନେ ଟମାଟୋ ଖାଇବା ଦ୍ୱାରା ସ୍ୱାସ୍ଥ୍ୟବାନ୍ ହୋଇପାରିବେ ।

୧୦ ଗ୍ରାମ୍ ମହୁରେ ୧୦୦ ଗ୍ରାମ୍ ଟମାଟୋ ରସ ମିଶାଇ ସକାଳୁ ସକାଳୁ ସେବନ କରିବା ଦ୍ୱାରା ଶରୀରକୁ ସ୍ଫୂର୍ତ୍ତି ମିଳିଥାଏ । ପ୍ରତିଦିନ ୧୦୦ ରୁ ୨୦୦ ଗ୍ରାମ ଟମାଟୋ ରସ ପିଇବା ଦ୍ୱାରା ଜଣ୍ଡିସ୍ ବା କାମଳ ରୋଗ ଦୂର ହୋଇଥାଏ ।

କାଛୁ କୁଣ୍ଡିଆ ପାଇଁ ମଧ ଟମାଟୋ ରସକୁ ବ୍ୟବହାର କରିପାରିବେ । ନଡିଆ ତେଲରେ କିଛି ଟମାଟୋ ରସ ଚିପୁଡି ତାକୁ ଦେହରେ ମାଲିସ୍ କରନ୍ତୁ । ପରେ ଅଳ୍ପ ଉଷୁମ ପାଣିରେ ସ୍ନାନ କରନ୍ତୁ ।

ଉଚ୍ଚ ରକ୍ତଚାପ ଥିବା ରୋଗୀମାନେ ଲାଲ୍ ରଙ୍ଗଯୁକ୍ତ ଟମାଟୋର ସାଲାଡ୍ ଖାଇବା ଭଲ । ଟମାଟୋର ସାଲାଡ୍ ଖାଇବା ଦ୍ୱାରା ଏବଂ ଏହାର ସୁପ୍ ପିଇବା ଦ୍ୱାରା ମେଦବହୁଳତା ହ୍ରାସ ପାଇଥାଏ ।

ଆଖି ତଳ କଳା ପଡିଥିଲେ ଟମାଟୋ ରସ ସହ ଟିକେ ଗାଜର ରସ ମିଶାଇ ସେହି କଳାଦାଗରେ ଲଗାଇବା ଦ୍ୱାରା ତାହା ଦୂର ହୁଏ । ଆହୁରି ମଧ ମୂଳାରସ ସହିତ ଟମାଟୋ ରସ ମିଶାଇ ଲଗାଇବା ଦ୍ୱାରା ତ୍ୱଚାର ବିଭିନ୍ନ ଦାଗ ଦୂର ହୁଏ । ଟମାଟୋ ରସ ନିୟମିତ ଲଗାଇବା ଦ୍ୱାରା ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି ପାଏ ।

ଦୀର୍ଘଦିନ ଧରି ଯଦି ଶରୀରର କୌଣସି ଅଙ୍ଗରେ କଷ୍ଟ ହେଉଥାଏ ତେବେ ଟମାଟୋ ଖାଇବା ଆରମ୍ଭ କରିଦିଅନ୍ତୁ । ଟମାଟୋରେ ଥିବା ବିଭିନ୍ନ ତତ୍ତ୍ୱ ପିଠି ଯନ୍ତ୍ରଣା ଏବଂ ଗଣ୍ଠି ଯନ୍ତ୍ରଣାରୁ ରକ୍ଷା କରିଥାଏ ।

## ରାମକଥା



ସେତେବେଳର କଳ୍ପର କଳିଯୁଗରେ କାକଭୁଶୁଣ୍ଡିର ଜନ୍ମ ଅଯୋଧାରେ ହୋଇଥିଲା । ସନ୍ଥ ତୁଳସୀ ଦାସ କଳିଯୁଗର ବର୍ଣ୍ଣନା କରିଛନ୍ତି । କଳିଯୁଗରେ ଲୋକମାନଙ୍କ ଜୀବନ ଅର୍ଥ ଓ କାମରେ ସରିଯାଏ । ଜୀବ ଏହାର ଆଗକୁ ଯାଏ ନାହିଁ । ଧର୍ମ ଆଉ ମୋକ୍ଷ, ଏହା ଗୌଣ ହୋଇଯାଏ । ବ୍ରାହ୍ମଣ ଧର୍ମ ଭୁଲିଯାଏ । ସନ୍ୟାସୀ ଗୃହସ୍ଥଙ୍କ ଭଳି ଜୀବନ ଅତିବାହିତ କରୁଥାଏ । କଳିଯୁଗରେ ଜ୍ଞାନୀମାନେ ସ୍ୱେଚ୍ଛାଚାରୀ ହୋଇଥାନ୍ତି । ସେମାନେ କଥା କହୁଥାନ୍ତି ଅଭେଦର, କିନ୍ତୁ ସେମାନଙ୍କର ଆଖିରେ ଭେଦଭାବ ପରିପୂର୍ଣ ହୋଇ ରହିଥାଏ । କଳିଯୁଗରେ ଭୋଗୀ ବି ଯୋଗୀ ହେବାରେ ଲାଗିଥାଏ । ଭୋଗୀ କଦାପି ଯୋଗୀ ହୋଇପାରେ ନାହିଁ । କଳିଯୁଗରେ ସମସ୍ତେ ବ୍ରହ୍ମଜ୍ଞାନୀଙ୍କ ଭଳି କଥା କହୁଥାନ୍ତି । ହେଲେ ପଇସା ପାଇଁ କଳି କରୁଥାନ୍ତି । ମନରୁ ବିକାର ଯାଇ ନ ଥାଏ, ହେଲେ କଥା କହୁଥାନ୍ତି ବ୍ରହ୍ମଜ୍ଞାନୀଙ୍କ ଭଳି । ପୁରୁଷମାନେ ସ୍ତ୍ରୀ ଅଧୀନରେ ରହିଥାନ୍ତି । କଳିଯୁଗରେ ବ୍ରହ୍ମଚାରୀ ବି ବିଳାସୀ ହୋଇଯାଇଥାନ୍ତି । ସ୍ତ୍ରୀମାନେ ଅତ୍ୟଧିକ କାମୀ ଓ ମିଥ୍ୟାବାଦୀ ହୋଇ ଯାଇଥାନ୍ତି । ଲୋକମାନେ ମାତା ପିତାଙ୍କର ସେବା କରନ୍ତି ନାହିଁ । ଭୟଙ୍କର କଳିଯୁଗ ଆସି ଯାଇଥିଲା । ସେତେବେଳେ ଅଯୋଧାରେ ଅକାଳ ମଡ଼କ ପଡ଼ିଗଲା ।

କାକ ଭୁଶୁଣ୍ଡି କହିଲେ, ସେତେବେଳେ ମୁଁ ଅଯୋଧା ଛାଡି ଉଜ୍ଜୟିନୀକୁ ପଳାଇଲି । ସେଠାରେ ଜଣେ ବ୍ରାହ୍ମଣଙ୍କ ଠାରୁ ଦୀକ୍ଷା ଗ୍ରହଣ କଲି । ବ୍ୟବସାୟରେ ଭଲ ଦି' ପଇସା ମିଳିଲା । କ୍ରମେ ମୋର ଅଭିମାନ ବଢ଼ିବାରେ ଲାଗିଲା । ଶଙ୍କର ଭଗବାନ ମୋତେ ଖୁବ୍ ଭଲ ଲାଗୁଥିଲେ । ଆଉ ମୁଁ ଅନ୍ୟ ଦେବତାଙ୍କୁ ଘୃଣା କରୁଥିଲି । କିନ୍ତୁ ମୋ ଗୁରୁଜୀ ମୋତେ ସବୁବେଳେ କହୁଥିଲେ ଯେ, ଭଗବାନ ଶଙ୍କର ସବୁବେଳେ ଶ୍ରୀ ରାମଙ୍କୁ ଜପ କରନ୍ତି । ମୋ ଗୁରୁଦେବ ଥିଲେ ବିଷ୍ଣୁଭକ୍ତ ।

## ସ୍ୱର୍ବେଦ

**ପନ୍ଥ ଉର୍ଦ୍ଧ୍ୱଗାମୀ ଚଲେ,**
**ଛୁଟତ ପାଞ୍ଚ ଶରୀର ।**
**ପଦ୍ମ ପତ୍ର ଜଲ ଭାସତା,**
**ଜିବନ୍ମୁକ୍ତ ପର ଧୀର ॥୦୪॥**

ଶବ୍ଦାର୍ଥ – (ପନ୍ଥ) ମାର୍ଗ (ଉର୍ଦ୍ଧ୍ୱଗାମୀ) ବିହଙ୍ଗମ ଯୋଗାଭ୍ୟାସୀ (ପା ଶରୀର) ସ୍ଥୂଳ, ସୂକ୍ଷ୍ମ, କାରଣ, ମହାକାରଣ, କୈବଲ୍ୟ (ପଦ୍ମ ପତ୍ର) କମଳ ପତ୍ରସମ (ଭାସତା) ଦୃଶ୍ୟମାନ (ପାର) ପ୍ରକୃତି ଅତିକ୍ରମୀ (ଧୀର) ଦୃଢ଼ ମନସ୍ୱୀ (ଜିବନ୍ମୁକ୍ତି) ଯୋଗୀ ।

ଭାଷ୍ୟ – ବିହଙ୍ଗମ ମାର୍ଗରେ ବ୍ରତୀ ଯୋଗପଥିକ ସ୍ଥୂଳ ଶରୀରକୁ ତ୍ୟାଗ କରି ଜଳ କମଳବତ୍ ସଂସାରରେ ପ୍ରକାଶମାନ ସ୍ୱରୂପ ଦୃଢ଼ ମନସ୍ୱୀ ହୋଇ ପ୍ରକୃତିକୁ ଅତିକ୍ରମୀ ଚିଦାକାଶରେ ଅନୁଭବ-ଗମନ କରି ଜୀବନରୁ ମୁକ୍ତି ଲାଭ କରିଥାନ୍ତି । ଆତ୍ମାର ଶୁଦ୍ଧ ଅବସ୍ଥା ହଂସ ଅବସ୍ଥା ଅଟେ । ହଂସ ଅବସ୍ଥାରେ ଯୋଗୀ ଜୀବନରୁ ମୁକ୍ତି ଲାଭ କରି ସଂସାରରେ ନର୍ଲିପ୍ତ ରହିଥାନ୍ତି । ବାହ୍ୟ କର୍ମ-ବ୍ୟବହାର ତ୍ୟାଗ କରି ଅଥବା ସଂସାରର ଅନାସକ୍ତିକୁ ବିବେକ କରି, ବାଚକ ଜ୍ଞାନରେ ଜୀବନ୍ମୁକ୍ତ ଅବସ୍ଥା ପ୍ରାପ୍ତି ହୋଇ ନ ଥାଏ । ଏଥିପାଇଁ ଏକମାତ୍ର ସାଧନ ଅନୁଭବ-ପଥ ବିହଙ୍ଗମ ମାର୍ଗ, ଯାହାକୁ ବ୍ରହ୍ମନିଷ୍ଠ ସଦ୍‌ଗୁରୁ ଜନ ଭଲ ଭାବରେ ଜାଣନ୍ତି ।

**ପୂର୍ଣ୍ଣ ଜ୍ଞାନ ବୈରାଗ ମେଁ, ସାଥ**
**ହୋୟ ଅଭ୍ୟାସ ।**
**ଉତରେ ରୋଁଦା ଧନୁଷ ସେ, ତୀର**
**ନ ଲାଗେ ପାସ ॥୦୫॥**


ଶବ୍ଦାର୍ଥ – ବୋଧ (ବୈରାଗ) ବିଷୟ ତୃଷ୍ଣାରହିତ (ଅଭ୍ୟାସ) ସାଧନା (ରୋଁଦା) ଡୋର (ଧନୁଷ) ଯାହା ଉପରେ ଗୁଣ ଚଢ଼ାଇ ତୀର ଚାଳନା (ତୀର) ବାଣ (ପାସ) ଶବ୍ଦାର୍ଥ – ବୋଧ (ବୈରାଗ) ବିଷୟ ତୃଷ୍ଣାରହିତ (ଅଭ୍ୟାସ) ସାଧନା (ରୋଁଦା) ଡୋର (ଧନୁଷ) ଯାହା ଉପରେ ଗୁଣ ଚଢ଼ାଇ ତୀର ଚାଳନା (ତୀର) ବାଣ (ପାସ) ସମୀପ ।

ଭାଷ୍ୟ - ପୂର୍ଣ୍ଣଜ୍ଞାନ ବୈରାଗ୍ୟରେ ଯୁକ୍ତ ହେବା ଦ୍ୱାରା ହିଁ ସାଧନା ହୋଇଥାଏ । ଯେଉଁ ପ୍ରକାର ଧନୁର ଗୁଣ ହୁଗୁଳା ହୋଇଗଲେ ତୀର ଲକ୍ଷ୍ୟଭେଦ କରିପାରେ ନାହିଁ, ତଦନୁରୂପ ପୂର୍ଣ୍ଣଜ୍ଞାନ ବୈରାଗ୍ୟରୁ ବିରତ ହେଲେ ଅଭ୍ୟାସ ଦ୍ୱାରା ଅନୁଭବ ଲକ୍ଷ୍ୟପ୍ରାପ୍ତି ହୋଇପାରେ ନାହିଁ । ସେଥିପାଇଁ ଜ୍ଞାନ-ବୈରାଗ୍ୟ ସମ୍ପୂର୍ଣ୍ଣ ହେଲା ପରେ ହିଁ ଯୋଗ ଅଭ୍ୟାସ କରିବା ଉଚିତ ।

**ଅହାର ନିନ୍ଦ କେ ଅଲ୍ପ ମେଁ, ଦୃଢ଼**
**ହୋୟ ଅଭ୍ୟାସ ।**
**ନିଶ୍ଚୟ ନିୟମ ୱିଲାସ ମେଁ, ୱର୍ଦ୍ଧିତ**
**ୱିମଲ ୱିକାଶ ॥୦୬॥**

ଶବ୍ଦାର୍ଥ - (ଅହାର) ଭୋଜନ (ନିନ୍ଦ) ନିଦ୍ରା (ୱିଲାସ) ସୁଖ (ୱର୍ଦ୍ଧିତ) ବୃଦ୍ଧି (ୱିମଲ) ପବିତ୍ର (ୱିକାସ) ଉଦ୍‌ଭବ, ପ୍ରକାଶ ।

ଭାଷ୍ୟ - ଆହାର ଏବଂ ନିଦ୍ରା ଅଳ୍ପ ହେଲେ ଦୃଢ଼ ଅଭ୍ୟାସ ହୋଇଥାଏ । ସଂଯମୀ ପୁରୁଷ ନିୟମିତ ବ୍ୟବହାର ରଖିବା ଦ୍ୱାରା ସୁଖପୂର୍ବକ ପବିତ୍ର ଆତ୍ମ-ବିକାଶରେ ଉନ୍ନତି କରିଥାଏ । ନିୟମିତ ଆହାର-ବିହାରଯୁକ୍ତ ହେବା ଦ୍ୱାରା ଏବଂ ସନ୍ତୁଳିତ ପୁଷ୍ଟିକର ପଦାର୍ଥ ସେବନ ଦ୍ୱାରା ଶରୀରରେ ପୁଷ୍ଟି ଏବଂ ସ୍ଫୂର୍ତ୍ତି ରହିଥାଏ । ସାତ୍ୱିକ ଏବଂ ଶୀଘ୍ର ପାଚ୍ୟ ପଦାର୍ଥ ସେବନ କରିବା ଫଳରେ ତମଗୁଣର ବିଶେଷ ଅଭାବ ରହିଥାଏ । ସେଥିପାଇଁ ସାଧକ କେବଳ ଶରୀର ରକ୍ଷା ନିମନ୍ତେ ପୁଷ୍ଟିକର ପଦାର୍ଥ ସେବନ କରିବା ବିଧେୟ । କେବଳ ସଂଯମୀ ପୁରୁଷ ସାଧନା ଅଭ୍ୟାସକୁ ଦୃଢ଼ତାପୂର୍ବକ କରିଥାଏ ଏବଂ ଅଭ୍ୟାସ ଦ୍ୱାରା ଆଭ୍ୟନ୍ତରୀଣ ଅନୁଭବ ହେଲେ ପ୍ରାକୃତିକ ଚେଷ୍ଟା ଅଥବା ବ୍ୟବହାର ସ୍ୱାଭାବିକ ହେବାରେ ଲାଗେ । ଅଳ୍ପ ଭୋଜନ ଏବଂ ଅଳ୍ପ ନିଦ୍ରା ହେଲେ ଯୋଗାଭ୍ୟାସରେ ଦୃଢ଼ତା ଆସିଥାଏ ଏବଂ ଅନୁଭବ ପ୍ରକାଶ ପ୍ରାପ୍ତ କରିବାରେ ସୁଲଭତା ପ୍ରାପ୍ତି ହୋଇଥାଏ । ଯୋଗାଭ୍ୟାସୀର ଏପରି ସ୍ଥିତି ମଧ୍ୟ ଉପନୀତ ହୋଇଥାଏ ଯେ ସ୍ୱଳ୍ପ ସମୟ ମଧ୍ୟରେ ସେ ନିଜ ନିଦ୍ରାକୁ ପୂରା କରିନିଏ ଏବଂ ଯୋଗର ବିଶେଷ ଭୂମିରେ ପହଞ୍ଚି ଯାଇ ନିରବଚ୍ଛିନ୍ନ ଭାବେ ଅହର୍ନିଶ ଅଖଣ୍ଡ ସମାଧିରେ ବ୍ରହ୍ମସୁଖ ପ୍ରାପ୍ତ କରିଥାଏ । ସେଥିପାଇଁ ଯୋଗାଭ୍ୟାସୀ ଅନୁରାଗୀ ପୁରୁଷ ବ୍ରହ୍ମବିଦ୍ୟା ଯୋଗମାର୍ଗରେ ପ୍ରବୃତ୍ତ ହେବା ପାଇଁ ସଂଯମ-ନିୟମ ଉପରେ ବିଶେଷ ଧ୍ୟାନ ଦେଇ ଆତ୍ମୋନ୍ନତି ପାଇଁ ପ୍ରଯତ୍ନ କରିବା ଆବଶ୍ୟକ ।




**ନାକେ ତାର ଅଧାର ପର, ପନ୍ଥ**
**ଅଗମ ଚଲ ସନ୍ତ ।**
**ମକର ତାର ଛୋଡ଼େ ନହିଁ, ଜବ ଲଗ**
**ପହୁଁଚ ନ ଅନ୍ତ ॥୦୭॥**

ଶବ୍ଦାର୍ଥ – (ନାକେ) ସହଜଶୂନ୍ୟ ଚିଦାକାଶରେ (ମକର ତାର) ସୂକ୍ଷ୍ମ ତନ୍ତୁ, ଯେଉଁ ଆତ୍ମା ଏବଂ ବ୍ରହ୍ମ ସୂତ୍ରରେ ବନ୍ଧା, ଯାହାକୁ ଯୋଗର ଅନୁଭବ ସାକ୍ଷାତ୍କାର ହେବା ଯୋଗୁଁ ପ୍ରକଟ ଦେଖାଯାଏ (ଅନ୍ତ) ସମାପ୍ତି, ପ୍ରାପ୍ତି, ପୂର୍ଣ୍ଣତା ।

ଭାଷ୍ୟ – ଯୋଗର ଅନ୍ତର ଅନୁଭବ ବ୍ରହ୍ମପ୍ରଭା ପ୍ରାପ୍ତ ହେବା ଫଳରେ ଅନ୍ତରର ବିଶେଷ ସ୍ଥାନରୁ ଏକ ପ୍ରତିଭା ପ୍ରକଟିତ ହୋଇଥାଏ । ଯାହା ଯୋଗୁଁ ସୂକ୍ଷ୍ମ ତନ୍ତୁ ପ୍ରତ୍ୟକ୍ଷ୍ୟ ହୋଇଯାଏ । ସେହି ତନ୍ତୁର ଆଧାରରେ ସନ୍ତ ନିଜର ଚିଦାକାଶ ମାର୍ଗରେ ଗତି କରିଥାଏ । ଯେତେବେଳ ପର୍ଯ୍ୟନ୍ତ ସେହି ପ୍ରକାଶମୟ ଭୂମିର ପ୍ରାପ୍ତି ନ ହୁଏ ସେତେବେଳ ପର୍ଯ୍ୟନ୍ତ ସେହି ସୂକ୍ଷ୍ମ ତନ୍ତୁକୁ ଅନ୍ତର୍ଦର୍ଶୀ ସନ୍ଥ ଛାଡ଼ିବା ଉଚିତ ନୁହେଁ । ବ୍ରହ୍ମପ୍ରଭାର ଆକର୍ଷଣରେ ଆତ୍ମାର ସମସ୍ତ ଶକ୍ତି ଆକର୍ଷିତ ହୋଇଥାନ୍ତି । ସେଥିପାଇଁ ଆତ୍ମପ୍ରକାଶ ପ୍ରାପ୍ତ କରି ଚିଦାକାଶରେ ପରଂବ୍ରହ୍ମପ୍ରାପ୍ତି ନିମନ୍ତେ ଯୋଗୀ ଅନ୍ତର୍ଗମନ କରନ୍ତୁ କାହିଁକି ନା ଆତ୍ମ-ସାକ୍ଷାତ୍କାର ହେବା ପରେ ସହଜ ଶୂନ୍ୟ ପାରି ହେଲେ ଚିଦାକାଶର ମଣ୍ଡଳ ବିରାଜମାନ ଯାହା ଯୋଗୀମାନଙ୍କର ପରମ ଧାମ ଏବଂ ପ୍ରକାଶମୟ ଭୂମି ଅଟେ । ତାହାର ପ୍ରାପ୍ତିରେ ସଚ୍ଚିଦାନନ୍ଦ ସ୍ୱରୂପ ପରମ ସୁଖ ପ୍ରାପ୍ତି ହୋଇଥାଏ ଯେଉଁଥିରେ ଜୀବ ଆଗମନ-ପ୍ରତ୍ୟାବର୍ତ୍ତନ ଏବଂ ଭବବନ୍ଧନ ଦୁଃଖରୁ ମୁକ୍ତି ଲାଭ କରି ଅମୃତ ପରମାନନ୍ଦଙ୍କୁ ଲାଭ କରିଥାଏ । ଏହା ହିଁ ଜୀବନର ଲକ୍ଷ୍ୟ, ପରମପ୍ରଭୂଙ୍କର ପ୍ରାପ୍ତି ଏବଂ ପରମ କୃତାର୍ଥ ଅଟେ ।

**ସୂକ୍ଷ୍ମ ଶରୀର ସ୍ଥୂଳ ସେ, ପୃଥକ**
**କରନ କୀ ଯୁକ୍ତି ।**
**କାରଣ ଫିଂର ପୀରଥକ କରେ, ସନ୍ତ**
**ସରଲ ଗତି ମୁକ୍ତି ॥୦୮॥**

ଶବ୍ଦାର୍ଥ – (ସୂକ୍ଷ୍ମ ଶରୀର) ଅନ୍ତଃକରଣ, ପ୍ରାଣ ଇନ୍ଦ୍ରିୟ (ସ୍ଥୂଳ ଶରୀର) ଜଡ଼ ଶରୀର (କାରଣ ଶରୀର) ବଦ୍ଧାତ୍ମା ତଥା ପ୍ରକୃତିର ସମ୍ବନ୍ଧ (ପୀରଥକ) ଅଲଗ (ସରଲ ଗତି) ସହଜ ଯୋଗ ଦ୍ୱାରା ସୁରତିର ସ୍ୱାଭାବିକ ସ୍ଥିରତା (ମୁକ୍ତି) ପ୍ରକୃତି ସମ୍ବନ୍ଧରୁ ନିବୃତି ।

ଭାଷ୍ୟ - ଆତ୍ମାର ଚେତନା ସହିତ ଯୁକ୍ତ ହୋଇ ପ୍ରାଣ, ମନ ଏବଂ ଇନ୍ଦ୍ରିୟମାନଙ୍କର ସମସ୍ତ କ୍ରିୟା ହୋଇଥାଏ । ଯେବେ ଚେତନା ଅନ୍ତର୍ମୁଖୀ ହୋଇ ନିଜ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୁଏ ତେବେ ସମସ୍ତ ସ୍ଥାନ ଏବଂ ମଣ୍ଡଳକୁ ଅତିକ୍ରମ କରି ସଦ୍‌ଗୁରୁ-ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଯାଏ । ସମସ୍ତ ଶରୀରର ଭୂମି ଭିନ୍ନ ଭିନ୍ନ ଅଟେ । ଯୋଗସାଧନାରେ କ୍ରମଶଃ ସ୍ଥୂଳ, ସୂକ୍ଷ୍ମ ତଥା ବିଶେଷ ପ୍ରକାଶମୟ ସ୍ଥାନରେ କାରଣ ଶରୀରର ତ୍ୟାଗ ହୋଇଯାଏ । ସୂକ୍ଷ୍ମ ଶରୀରକୁ ସ୍ଥୂଳରୁ ପୃଥକ୍ କରିବା ସଦ୍‌ଗୁରୁଙ୍କର ଯୁକ୍ତି ଅଟେ ଯାହାଦ୍ୱାରା ପୃଥକ୍ କରି ପୁଣି ଯୋଗୀ କାରଣ ଶରୀର ତ୍ୟାଗ କରିଥାଏ । ଏହି ପ୍ରକାର କ୍ରମଶଃ ଶରୀରମାନଙ୍କୁ ତ୍ୟାଗକରି ଯୋଗୀ ନିଜ ଶୁଦ୍ଧ ଭୂମିରେ ପହଞ୍ଚି ଥାଏ । ସନ୍ଥମାନଙ୍କର ସହଜ ମାର୍ଗ ବଳରେ ଏହି ଶରୀରମାନଙ୍କୁ ତ୍ୟାଗ କରିବା ଫଳରେ ଜୀବାତ୍ମାକୁ ପ୍ରକୃତିର ବନ୍ଧନରୁ ମୁକ୍ତି ମିଳିଯାଏ । ଏହି ଦୋହାରେ ସଦ୍‌ଗୁରୁ ବିଧାନ-ନିୟମ, ଆଦେଶ ଦ୍ୱାରା ପ୍ରାକୃତିକ ଶରୀରମାନଙ୍କୁ ତ୍ୟାଗକରି ନିଜ ଶୁଦ୍ଧ ସ୍ୱରୂପରେ ଆସିବା ପାଇଁ ଉପଦେଶ ଦେଇଛନ୍ତି । ଆତ୍ମାର ଶୁଦ୍ଧ ଅବସ୍ଥା – ହଂସ ଅବସ୍ଥା,

**ପର ଶରୀର ପରୱେଶ କା,**
**ସଂୟମ ୟୋଗ ୱିଧାନ ।**
**ଜୀତେ ମରତା ଜୋ ଜନା, ଭକ୍ତି**
**ପରମ ୱିଜ୍ଞାନ ॥୦୯॥**

ଶବ୍ଦାର୍ଥ – (ପର ଶରୀର) ପରକାୟା, ଅନ୍ୟ ଶରୀର (ପରୱେଶ) ଗମନ (ସଂୟମ) ସାଧନା, ନିରୋଧ (ୟୋଗ ୱିଧାନ) ଯୋଗକଳା (ଭକ୍ତି) ଚେତନ ବିକାଶ (ପରମ ୱିଜ୍ଞାନ) ଆତ୍ମିକ ଉତ୍ଥାନର ଉତ୍କର୍ଷ ।

ଭାଷ୍ୟ - ପ୍ରାଚୀନ କାଳରେ ପରକାୟା ପ୍ରବେଶ ବିଦ୍ୟା ଥିଲା ଏବଂ ଏହା ଦ୍ୱାରା ଆବଶ୍ୟକତାନୁଯାୟୀ ଯୋଗୀଜନ ଅନ୍ୟ ଶରୀରରେ ପ୍ରବେଶ କରି ନିଜ କାର୍ଯ୍ୟ ସିଦ୍ଧ କରୁଥିଲେ । ବିଭୂତି ଏବଂ ଯୋଗ ବଳ – ଏହି ଦୁଇ ପ୍ରକାରେ ପରକାୟା ପ୍ରବେଶ ହୋଇଥାଏ । ଏହି ଦୋହାରେ ଯେଉଁ ପରକାୟା ପ୍ରବେଶ ସମ୍ବନ୍ଧରେ ଉଲ୍ଲେଖ ଅଛି, ତାହା ବିହଙ୍ଗମ ଯୋଗ ଦ୍ୱାରା ହିଁ ଆତ୍ମିକ ଚେଷ୍ଟାର ବ୍ୟବହାରରେ ଯୋଗୀ ଅନ୍ୟ ଶରୀରରେ ପ୍ରବେଶ କରିଥାଏ । ସହଜ ଯୋଗୀ ବିହଙ୍ଗମ ଯୋଗର ସଂଯମ-ବିଧାନକୁ ଜିଣି ନିଜ ଶରୀର ତ୍ୟାଗକରି ଅନ୍ୟ ଶରୀରରେ ପ୍ରବେଶ କରି ଜୀବନ ଧାରଣ କରିଥାଏ । ସେଥିପାଇଁ ସେ ଜୀବିତାବସ୍ଥାରେ ନିଜ ଶରୀର ତ୍ୟାଗ କରିବା ଫଳରେ ମୃତ୍ୟୁ ଲାଭ କରିଥାଏ । ଏହା ବିହଙ୍ଗମ ଯୋଗରୂପୀ ଭକ୍ତିର ପରମ ବିଜ୍ଞାନ ଅର୍ଥାତ୍ ଆନ୍ତରିକ ରହସ୍ୟ ଅଟେ, ଯାହାଦ୍ୱାରା ଯୋଗୀର ପରକାୟା ପ୍ରବେଶ ହୋଇଥାଏ । ବିହଙ୍ଗମ ଯୋଗୀକୁ ଅନ୍ୟ ଶରୀରରେ ପ୍ରବେଶ କରିବାର ଶକ୍ତି ସ୍ୱାଭାବିକ ଦଶାରେ ପ୍ରାପ୍ତ ହୋଇଥାଏ ଯାହାକୁ ଭୌତିକ ଯୋଗୀ କଠୋର ପରିଶ୍ରମ କରି ଏହି ବିଭୂତି କଳାକୁ ଜାଣି ସିଦ୍ଧ କରିଥାନ୍ତି । ଅତଏବ ବିହଙ୍ଗମ ଯୋଗର ଆନୁଭବିକ ଯୋଗୀ ନିଜ ଚେତନ ଶକ୍ତିର ପ୍ରଭାବରୁ ସହଜ ପ୍ରଦେଶର ପରମାଣୁ ମଣ୍ଡଳ ଜ୍ଞାନ ରଖିବା ଦ୍ୱାରା ଅନ୍ୟ ଶରୀରକୁ ସହଜ ରୂପରେ ପ୍ରବେଶ କରିଥାଏ । ଏହା ବିହଙ୍ଗମ ଯୋଗର ପ୍ରାକୃତିକ ମହତ୍ୱ ଅଟେ । ବିହଙ୍ଗମ ଯୋଗୀର ପ୍ରକୃତିପାର ଅନୁଭବ-ଚେତନ-ଦୃଷ୍ଟି ହୋଇ ଥିବାରୁ ପ୍ରକୃତିର ସମସ୍ତ ଶକ୍ତି ସ୍ୱାଭାବିକ ରୂପରେ ତାହାର ଅନୁକୂଳ ରହିଥାଏ ଏବଂ ସେହି ପ୍ରକୃତିର ବିଜେତା ବ୍ରହ୍ମାଧାର ଉପରେ ଆତ୍ମିକ ଶୁଦ୍ଧ ଚେଷ୍ଟା ଦ୍ୱାରା ପ୍ରକୃତି ମଣ୍ଡଳରେ ମହାନ୍ କାର୍ଯ୍ୟଗୁଡ଼ିକର ସମ୍ପାଦନା କରିଥାଏ ।

## ଜହ୍ନିର ଉପକାରିତା

ଅସରପା ଗୋଟେ ଚଢ଼େଇ, ଜହ୍ନି ଗୋଟେ ପରିବା । ଅନେକ ସମୟରେ ଜହ୍ନିକୁ ନେଇ ଏମିତି ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳେ । ତେବେ ବି 'ଜହ୍ନି ଫୁଲ ଠୋ ଠା, କାକୁଡି ଫୁଲ ଠୋ ଠା' ପରି ଶିଶୁଗୀତ ଜହ୍ନି ଯେ ଆମ ହାତପାଆନ୍ତାରେ ମିଳୁଥିବା ଏକ ପରିବା ଏହା ମନେ ପକାଇ ଦିଏ । ଘରବାଡିରେ କାକୁଡି, ଜହ୍ନି, କଲରା ମନ୍ଦାଏ ମନ୍ଦାଏ ଲଗାଇ ଦେବାର ଅଭ୍ୟାସ ଏବେ ବି ଗୃହିଣୀ ମାନଙ୍କର ରହିଛି । ହୁଏତ ଏହାର ଔଷଧୀୟ ଗୁଣ ସମ୍ପର୍କରେ ଅନେକ ଆଦୌ ସଚେତନ ନ ଥିବେ ମାତ୍ର ହାଣ୍ଡିଶାଳରେ ଏହାର ଆଦର କ'ଣ କମ୍ କି ? ଭାରତ, ପାକିସ୍ତାନ, ଇଣ୍ଡୋନେସିଆ, ଚାଇନା ଏବଂ ଫିଲିପାଇନ୍ସରେ ଏହା ପ୍ରଚୁର ମାତ୍ରାରେ ଚାଷ ହୋଇଥାଏ ।

ଆପଣ ନିଜର ଓଜନ କମାଇବାକୁ ଚାହୁଁଥିଲେ ଖାଦ୍ୟରେ ଜହ୍ନିକୁ ନିଶ୍ଚିତ ସାମିଲ୍ କରନ୍ତୁ । ଜହ୍ନି ଖାଇବା ଦ୍ୱାରା ଚର୍ବି ତଥା କୋଲେଷ୍ଟରଲର ବିପଦ ଟଳିଯାଏ ।

ଜହ୍ନି ସହଜରେ ହଜମ ହୋଇଥାଏ । ତେଣୁ ଯେଉଁମାନଙ୍କର ହଜମ ଶକ୍ତି ଦୁର୍ବଳ ସେମାନଙ୍କୁ ଜହ୍ନି ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଜହ୍ନି ଖାଇବା ଦ୍ୱାରା ଯକୃତରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଯକୃତକୁ ସୁସ୍ଥ ରଖେ । ଅର୍ଶ ରୋଗର ଆରୋଗ୍ୟ ମଧ କରେ ।

ଏଥିରେ ତନ୍ତୁ ଏବଂ ଜଳର ମାତ୍ରା ଅଧିକ ଥିବାରୁ କୋଷ୍ଠକାଠିନ୍ୟ ତଥା ତଦ୍‌ଜନିତ ସମସ୍ୟା ଆଦିରୁ ମୁକ୍ତି ପାଇବା ପାଇଁ ଜହ୍ନି ଖାଇବା ଦରକାର । କେବଳ ସେତିକି ନୁହେଁ ଏହା ବିଭିନ୍ନ ଉଦର ରୋଗ ଏବଂ ସଂକ୍ରମଣକୁ ମଧ



ଦୂର କରିଥାଏ ।

କିଙ୍କ୍, ଆଇରନ୍, ରିବୋଫ୍ଲାବିନ୍, ମ୍ୟାଗ୍ନେସିୟମ୍, ଥିୟାମିନ୍ ପରି ଶରୀର ପାଇଁ ଆବଶ୍ୟକ ତତ୍ତ୍ୱ ଏଥିରୁ ମିଳିଥାଏ । ଏଥିରେ ଥିବା ବିଟା କ୍ୟାରୋଟିନ୍ ଆଖି ପାଇଁ ବେଶ୍ ଉପକାରୀ । ଏହା ଦୃଷ୍ଟିଶକ୍ତି ବଢ଼ାଇବା ସହ ଆଖିକୁ ସୁସ୍ଥ ରଖେ ।

ଜହ୍ନି ରକ୍ତଶୋଧକ ଭାବେ କାର୍ଯ୍ୟ କରେ । ରକ୍ତ ଅପରିଷ୍କାର କାରଣରୁ ମୁହଁରେ ଦେଖାଯାଉଥିବା ବ୍ରଣ ଆଦି ଦୂର କରେ ।

ଜହ୍ନିର ଜୁସ୍ ପିଇବା ଦ୍ୱାରା ଏହା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହାଦ୍ୱାରା ବିଭିନ୍ନ ରୋଗଠାରୁ ନିଜକୁ ଦୂରେଇ ରଖାଯାଇ ପାରେ । ଏସିଡିଟି ଏବଂ ଅଲସର ପରି ସମସ୍ୟାଠାରୁ ମଧ ଏହା ଦୂରେଇ ରଖେ ।

କାମଳ ରୋଗୀମାନେ ଏହାର ଜୁସ୍ ପିଇବା ଦ୍ୱାରା ଏବଂ ଜହ୍ନି ଖାଇବା ଦ୍ୱାରା ଆରୋଗ୍ୟ ଲାଭ କରିଥାନ୍ତି । ମଦ୍ୟପାନ କାରଣରୁ ଯକୃତରେ ସମସ୍ୟା ଦେଖା ଦେଇଥିଲେ ଜହ୍ନି ଖାଇବାଦ୍ୱାରା ଯକୃତ ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରି ଆସେ ।

ଜହ୍ନି ଖାଇବା ଦ୍ୱାରା ମୂତ୍ର ଏବଂ ରକ୍ତରୁ ଶର୍କରାର ସ୍ତର ହ୍ରାସ ଘଟିଥାଏ । ରକ୍ତରେ ଇନ୍‌ସୁଲିନ୍ ସ୍ତରକୁ ମଧ ନିୟନ୍ତ୍ରିତ ରଖିଥାଏ । ତେଣୁ ମଧୁମେହ ରୋଗୀମାନେ ଜହ୍ନି ଖାଇବା ଦରକାର ।

ଏହା ଥଣ୍ଡା ରୋଗକୁ ଦୂର କରେ । ପରିଶ୍ରାପୋଡ଼ା ଯନ୍ତ୍ରଣାର ଏହା ଉପଶମ କରେ ।

ଶରୀରରୁ ଜଳଶୁଷ୍କତାକୁ ଦୂର କରେ ।

ମୃତ ଚର୍ମକୋଷକୁ ହଟାଇ ଚର୍ମରେ ଚମକ୍ ଆଣେ । କେଶ ଝଡିବା ଏବଂ ଦାନ୍ତକୁ ସୁସ୍ଥ ରଖିବାରେ ଜହ୍ନି ସାହାଯ୍ୟ କରେ । ଟାଇପ୍-୨ ମଧୁମେହ ରୋଗୀ ଏହି ପରିବାଟି ନିହାତି ଖାଇବା ଦରକାର ।

## ଆପଣ ଜାଣନ୍ତି କି ?

- ୧୮୬୫ ମସିହାରେ ତରଳ ସାବୁନ ବା ଲିକ୍ୱିଡ ସୋପ ପ୍ରସ୍ତୁତ କରିଥିଲେ ଆମେରିକାର ନାଗରିକ ୱିଲିୟମ ସେଫାର୍ଡ ।
- ଇଂଲଣ୍ଡରେ ୧୭୧୨ ମସିହାରେ ସାବୁନ ଉପରେ ଲାଗିଥିବା ଟ୍ୟାକ୍ସ, ଯାହାକୁ ୧୮୩୫ ରେ ପ୍ରତ୍ୟାହାର କରାଯାଇଥିଲା ।
- ୨୦୦୨ ମସିହାରେ ବ୍ରିଟେନରେ ସାବୁନ ଯୋଗୁଁ ହୋଇଥିବା ଦୁର୍ଘଟଣାରେ ୫୯୫ ଜଣଙ୍କର ମୃତ୍ୟୁ ଘଟିଥିଲା ।
- ଆମେରିକାର ଗ୍ୟାଙ୍ଗଷ୍ଟର ତଥା ଠକ ସୋପି ସ୍ମିଥ୍ ସାବୁନ ନାମ ଅନୁସାରେ ତା'ର ନାମ ରଖିବାର କାରଣ ସେ ପ୍ରଥମେ କେବଳ ସାବୁନ ତସ୍କରୀ କରୁଥିଲା ।
- ସାରା ବିଶ୍ୱରେ ପ୍ରଥମେ ବେବିଲୋନ ସଭ୍ୟତାର ଲୋକମାନେ ସାବୁନର ଆବିଷ୍କାର କରିଥିଲେ ।
- ଏହାର ବ୍ୟବହାର କରିଥିଲେ ଖ୍ରୀଷ୍ଟପୂର୍ବ ୨୮୦୦ ସମୟରୁ ।
- ୧୭୬୪ ରେ ଭାରତର ବମ୍ବେଠାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ ଥର ଡାକଘର ପ୍ରତିଷ୍ଠା ହୋଇଥିଲା ।
- ୧ ଅକ୍ଟୋବର, ୧୮୫୪ ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ଥର ପାଇଁ ଡାକ ଟିକଟ ଜାରି କରାଯାଇଥିଲା । ସ୍ୱାଧୀନ ଭାରତରେ ପ୍ରଥମେ ୨୧ ନଭେମ୍ବର, ୨୯୪୭ ରେ ଡାକ ଟିକଟ ଜାରି କରାଗଲା ।
- ୧୫ ଅଗଷ୍ଟ,, ୧୯୭୨ ରେ ପୋଷ୍ଟଲରେ ପିନକୋଡ ଓ ୧୮୮୦ ରେ ପ୍ରଥମେ ମନିଅର୍ଡର ବ୍ୟବସ୍ଥା ଆରମ୍ଭ ହୋଇଥିଲା ।

## କର୍କଟରୁ ରକ୍ଷା କରିବ କଦଳୀ ପତ୍ର

କିଛି ବର୍ଷ ତଳେ ଅଧିକାଂଶ ଭାରତୀୟଙ୍କ ବାଡ଼ିବଗିଚାରେ କଦଳୀ ଗଛ ପ୍ରାୟତଃ ଦେଖା ଯାଉଥିଲା । ଦିନକୁ ଦିନ କିନ୍ତୁ ଲୋକଙ୍କ ମାନସିକତାରେ ଏକ ବିରାଟ ପରିବର୍ତ୍ତନ ହେଉଥିବାର ଲକ୍ଷ୍ୟ କରାଯାଇଛି । ଆଜିର ସମୟରେ ଲୋକେ ବିଭିନ୍ନ ପ୍ରଜାତିର ଫୁଲଗଛ ଲଗାଇବାରୁ ବରଂ ଅଧିକ ପସନ୍ଦ କରୁଛନ୍ତି । ବାଡ଼ି ବଗିଚାରେ ଔଷଧୀୟ ଗଛ ଓ କଦଳୀ, ପିଜୁଳି, ଆମ୍ବ ଲଗାଇବାର ପରମ୍ପରା ଯେପରି ବନ୍ଦ ହୋଇଗଲାଣି କହିଲେ ଚଳେ । ଏସବୁ ଗଛର ଆବଶ୍ୟକତା କିନ୍ତୁ ଯଥେଷ୍ଟ ଅଧିକ ରହିଛି । ନିକଟରେ ବାରଣାସୀ ବିଶ୍ୱବିଦ୍ୟାଳୟର ଗବେଷକଗଣ ପରୀକ୍ଷା କରି ପ୍ରକାଶ କରିଛନ୍ତି ଯେ କଦଳୀ ଓ ଏହାର ପତ୍ର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । କଦଳୀ ପତ୍ରରେ କର୍କଟ ପ୍ରତିରୋଧୀ ତତ୍ତ୍ୱମାନ ରହିଛି । ଏଣୁ କଦଳୀ ପତ୍ରରେ ଖାଇଲେ କିମ୍ବା କଦଳୀ ପତ୍ର ବ୍ୟବହାର କରି ବ୍ୟଞ୍ଜନମାନ ଖାଇବା ସ୍ୱାସ୍ଥ୍ୟ ପାଇଁ ମହୌଷଧି ଅଟେ । ଭାରତର କେବଳ ଦକ୍ଷିଣ ପ୍ରାନ୍ତରେ ହିଁ କଦଳୀପତ୍ରରେ ଭୋଜନ ପରମ୍ପରା ବର୍ତ୍ତମାନ ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଗବେଷଣାରୁ ପ୍ରକାଶ ଯେ, ପ୍ରତି ୧୦୦



ଜଣରେ ୨ଜଣ ଦକ୍ଷିଣ ଭାରତୀୟ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଅନ୍ୟପାଖେ ଉତ୍ତର ଭାରତରେ ପ୍ରତି ୭୫ ଜଣରେ ୨୨ ଜଣ କର୍କଟ ରୋଗୀ । ଏଣୁ କଦଳୀ ପତ୍ରର ଔଷଧୀୟ ଗୁଣ ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି । କଞ୍ଚା କଦଳୀ ମଧ ଶରୀରକୁ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଯୋଗାଇଥାଏ । ଗ୍ରାମାଞ୍ଚଳ ଲୋକଙ୍କ ସୁସ୍ଥତାର ପ୍ରମୁଖ ରହସ୍ୟ ହେଲା ସେମାନେ ନିୟମିତ ଭାବେ କଞ୍ଚା କଦଳୀ ପ୍ରସ୍ତୁତ ବ୍ୟଞ୍ଜନ ଖାଇଥାନ୍ତି । ସହରରେ ଆଜିକାଲି ରାସାୟନିକ ସାର ବ୍ୟବହୃତ ପନିପରିବା ମିଳୁଛି । ଏଣୁ ଏସବୁ ଖାଇଲେ ମଧ ଶରୀର ଉପରେ କୌଣସି ଉତ୍ତମ ପ୍ରଭାବ ପଡୁନାହିଁ ବରଂ ଏହା ରୋଗ ସୃଷ୍ଟିର କାରଣ ହେଉଛି । ନିୟମିତ ଭାବେ କଦଳୀ ପତ୍ରରେ ଭୋଜନ କଲେ କିମ୍ବା କଦଳୀ ପତ୍ରପୋଡ଼ା କୌଣସି ଖାଦ୍ୟ ଖାଇଲେ କର୍କଟ ହେବାର ଆଶଙ୍କା ୪୦ ପ୍ରତିଶତ ହ୍ରାସ ପାଇଥାଏ ।

## କହିପାରିବେ କି ?

୧) ରୋଷେଇ ହିଟରରେ କେଉଁ ତାରର ପ୍ରୟୋଗ ହୋଇଥାଏ ?
(୨) ଇସ୍ରୋର ମୁଖ୍ୟାଳୟ କେଉଁଠାରେ ରହିଛି ?
(୩) ନନ୍ଦବଂଶର ଅନ୍ତିମ ଶାସକ କିଏ ଥିଲେ ?
(୪) ଭାରତର ପ୍ରଥମ ମହିଳା କ୍ରିକେଟ୍ କୋଚ୍‌ଙ୍କ ନାମ କ'ଣ ?
(୫) ପଞ୍ଚରଥ ମନ୍ଦିର ଓଡ଼ିଶାର କେଉଁ ସ୍ଥାନରେ ଅଛି ?
(୬) କେଉଁ ଦେଶ ନିକଟରେ ସାଙ୍ଘାଇ ସହଯୋଗ ସଂଗଠନର ନବମ ସଦସ୍ୟ ହେଲା ?
(୭) ରାଷ୍ଟ୍ରୀୟ ହିନ୍ଦୀ ସଂଗ୍ରହାଳୟ କେଉଁଠାରେ ଅଛି ?
(୮) ହୁମାୟୁନ୍‌ନାମାର ଲେଖକ କିଏ ?
(୯) ରାବଣ ମାତା ସୀତାଙ୍କୁ କେଉଁଠାରେ ରଖିଥିଲା ?
(୧୦) ଦୂରଦର୍ଶନରେ ପ୍ରସାରିତ ପ୍ରଥମ କାର୍ଯ୍ୟକ୍ରମ କ'ଣ ଥିଲା ?

### JUMBLE WORDS

| | | | |
|---|---|---|---|
| 1) COIYID | = | 6) THYLO | = |
| 2) NGLUC | = | 7) ATNKE | = |
| 3) RAHDO | = | 8) TREATO | = |
| 4) CLIPES | = | 9) RWANDI | = |
| 5) GIKSIN | = | 10) FSULH | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ସ୍ୱର୍ଣ୍ଣ, ୨. କ୍ଷେତ୍ରବାର, ୩. ଡିସେମ୍ବର ୨୩, ୪. ନାଇଟ୍ରେଟ୍ , ୫.ସୁବ୍ରମଣ୍ୟମ୍ ଭାରତୀ, ୬.ହାଇଡ୍ରୋଜେନ୍, ୭.ସ୍ୱିଜରଲ୍ୟାଣ୍ଡ, ୮.ପାଞ୍ଚଜନ୍ୟ, ୯.ଯଶୱନ୍ତ ସିଂହ, ୧୦.ଆନ୍ଧ୍ର ପ୍ରଦେଶ ।

***Jumble Words* ର ଉତ୍ତର :-**

(1) ACTUAL (2) SPORTY (3) AWARD (4) STRUM(5) CANOPY (6) WRITER (7) HELLO (8) DRAWN (9) TONGUE (10) BECOME

# ଦୁର୍ଗା ଉପାସନା ଓ ଶକ୍ତିତତ୍ତ୍ୱ

ଶକ୍ତି ସର୍ବାନନ୍ଦମୟୀ, ବିଶ୍ୱେଶ୍ୱରୀ, ବିଶ୍ୱରୂପା , ବିଶ୍ୱପାଳିନୀ, ସ୍ୱୟଂସିଦ୍ଧି, ସର୍ବଭୂତ ବିଦ୍ୟମାନ, ନିଖିଳେଶ୍ୱରୀ, ସର୍ବଜ୍ଞା, ସର୍ବସିଦ୍ଧା, ସର୍ବରୂପା, ସୌମ୍ୟା ଓ ରୌଦ୍ରା । ସେହି ଶକ୍ତି ମାତୃରୂପେ ବିରାଜିତା, ସର୍ବତ୍ର ପୂଜିତା, ଭଗିନୀ ରୂପେ ବିତରଣ କରେ ମମତା, ପତ୍ନୀରୂପେ ଭୋଗଦେଇ ପ୍ରଦାନ କରେ କଳିକା । ସେ ଆଦି ମଧ୍ୟ ଅନ୍ତରୂପା ସନାତନୀ, ସମଗ୍ର ଜଗତର ସମସ୍ତ ପଦାର୍ଥ ଓ ଭୂତ ସେହି ମହାଶକ୍ତିଙ୍କ ଦ୍ୱାରା ପରିଚାଳିତ ।ସେହି ଶକ୍ତି ପୂଜାର ଆଦିପୀଠ ଭାରତବର୍ଷ । ବୈଦିକ ଯୁଗରୁ ଆରମ୍ଭ କରି ଅଦ୍ୟାବଧି ଶାକ୍ତ ସଂସ୍କୃତି ସମୟର ବିବର୍ତ୍ତିତ ଧାରାରେ କ୍ରମ ବିକଶିତ ହେବାରେ ଲାଗିଛି । ସୃଷ୍ଟି, ସ୍ଥିତି ଓ ବିଲୟର ମୂଳ ମାତୃରୂପା ଶକ୍ତିକୁ ଆରାଧନା ମାଧମରେ, ଶକ୍ତି, ଜ୍ଞାନ, ଧନ, ପ୍ରତିଷ୍ଠା, ପ୍ରାଚୁର୍ଯ୍ୟ ଲାଭ ଆଦିର କାମନା ହିଁ ଯୁଗ ଯୁଗ ଧରି ମାନବ ସମାଜକୁ ଅନୁପ୍ରେରିତ କରି ଆସିଛି । ବେଦୋତ୍ତର ସାହିତ୍ୟରେ ଶାକ୍ତ ସଂସ୍କୃତିର ଆରାଧ ଦେବୀ ବା ମାତୃପୂଜା ଏବଂ ଭିନ୍ନ ଭିନ୍ନ ରୂପ ଓ ନାମର ଉପାସନା ବର୍ଣ୍ଣିତ ହୋଇଛି ।

ଭାରତର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଐତିହାସିକ ବିବର୍ତ୍ତନର ମୂଳଧାରାରୁ ସ୍ପଷ୍ଟ ସୂଚନା ମିଳେ ଯେ ବୈଦିକ ଯୁଗର କ୍ରିୟାକାଣ୍ଡ ମଧ୍ୟରେ ଦେବତାମାନଙ୍କ ସହ ପ୍ରାୟ ୪୦ଟି ଦେବୀଙ୍କୁ ଆରାଧନା କରାଯାଉଥିଲା । ବୈଦିକ ଋଷିଗଣ ସମଗ୍ର ବିଶ୍ୱରେ ଦୈବୀଶକ୍ତିର ସତ୍ତା ବିଦ୍ୟମାନ ବୋଲି ଉପଲବ୍ଧି କରିଥିଲେ ଯାହାକି ଶାକ୍ତଧର୍ମରେ ସେମାନଙ୍କ ରଚିତ ଦେବୀସୂକ୍ତ ଅଦ୍ୟାବଧି ପ୍ରାଧାନ୍ୟ ଲାଭ କରିଅଛି । ରାମାୟଣ ଯୁଗରେ ଗିରିଜା, ରୁଦ୍ରାଣୀ, ପାର୍ବତୀ, ଉମା, ନାଗମାତା ଏବଂ ମହାଭାରତ ଯୁଗରେ ଯୁଧିଷ୍ଠିରଙ୍କ ଦୁର୍ଗାସ୍ତବ ଓ ଅର୍ଜୁନଙ୍କ ଦୁର୍ଗାସ୍ତୋତ୍ରରୁ ଶକ୍ତି ସାଧନାର ସ୍ପଷ୍ଟ ପ୍ରମାଣ ମିଳେ । ଶକ୍ତି ଉପାସକମାନେ ମାତୃପୂଜାର ଆରାଧ ଦେବୀଙ୍କୁ ଭିନ୍ନ ଭିନ୍ନ ରୂପେ କଳ୍ପନା କରୁଥିଲେ । ଏହି ଶକ୍ତିପୂଜା ଆମ ଦେଶ ବାହାରେ ପଶ୍ଚିମ ଏସିଆ, ଦକ୍ଷିଣ ପୂର୍ବ ଇଉରୋପରେ ମଧ୍ୟ ପ୍ରଚଳିତ ଥିଲା । ଇତିହାସ କହେ, ପଶ୍ଚିମ ଏସିଆର ସିରିଆରେ ପୂଜିତ ସିଂହବାହିନୀ ଦେବୀଙ୍କ ସହ ଆମ ଆରାଧ ସିଂହବାହିନୀ ଦୁର୍ଗାଦେବୀଙ୍କ ସାମଞ୍ଜସ୍ୟ କାରଣରୁ ଶକ୍ତି ଉପାସନା ଏସିଆ ମହାଦେଶରେ ମଧ୍ୟ ଚାଲୁ ରହିଥିଲା ବୋଲି ସୂଚିତ କରିଥାଏ । ବିଶେଷ ଭାବେ ଶକ୍ତି ଦେବୀଙ୍କ ଆରାଧନା ୫ମ ଓ ୬ଷ୍ଠ ଖ୍ରୀଷ୍ଟାବ୍ଦ ଶତାବ୍ଦୀରେ ଭାରତରେ ପ୍ରସାର ଲାଭ କରିଥିଲା । ସେବେଠାରୁ ବିଭିନ୍ନ ରାଜବଂଶର ଆଧାତ୍ମିକ ଓ ଧାର୍ମିକ ଭାବଧାରା ତଥା ସେମାନଙ୍କର ପୃଷ୍ଠପୋଷକତା ଶକ୍ତି ଉପାସନାର ପ୍ରସାର ତଥା କ୍ରମ ବିକାଶରେ ସହାୟକ ହୋଇଥିଲା । କାଳକ୍ରମେ ତନ୍ତ୍ରଯୁଗ ଓ ବୈଷ୍ଣବ ଧର୍ମର ମିଶ୍ର ପ୍ରଭାବ ଶାକ୍ତ ସଂସ୍କୃତିର ଉପାସନା ବିଧି, ଶକ୍ତିବିଗ୍ରହ ଓ ପ୍ରଭାବ ଶାକ୍ତ ସଂସ୍କୃତିରେ ମଧ୍ୟ ପରିବର୍ତ୍ତନ ଆଣିଥିଲା ।

'କାଳିକା ପୁରାଣ' ଅନୁସାରେ ଆମ ଓଡ଼ିଶା ବା 'ଓଡ୍ରପୀଠ' ଭାରତର ତନ୍ତ୍ର ପୀଠମାନଙ୍କ ମଧ୍ୟରେ ଏକ ପ୍ରମୁଖ ପୀଠ ରୂପେ ମାନ୍ୟତା ପାଇଥିଲା । 'ଜ୍ଞାନାର୍ଣ୍ଣବତନ୍ତ୍ର'ରେ ବର୍ଣ୍ଣିତ ପ୍ରଚାଶ ଗୋଟି ପୀଠ ମଧ୍ୟରେ ଏକାମ୍ର ପୀଠ (ଭୁବନେଶ୍ୱର), ବିରଜା ପୀଠ (ଯାଜପୁର), ଜଳେଶ୍ୱର ଓ ଉଡ୍ଡୀୟମାନ ପୀଠର ଉଲ୍ଲେଖ ଅଛି । 'କୁବ୍ଜିକା ତନ୍ତ୍ର' ଅନୁସାରେ ୪୨ ଗୋଟି ସିଦ୍ଧିପୀଠ ମଧ୍ୟରୁ ମା' ବିରଜା ପୀଠ ଏକ ଅନନ୍ୟ ପୀଠ । ବିରଜାଦେବୀ, ପ୍ରାଚୀନ ମାତୃକାଙ୍କ ରୂପ । କେବଳ ବିରଜା ଉପାସନା ନୁହେଁ, ଶକ୍ତିର ବିଭିନ୍ନ ଉତ୍ସରୂପେ ଭିନ୍ନ ଭିନ୍ନ ରୂପରେ ଆମ ଓଡ଼ିଶାରେ ମାତୃ ଆରାଧନା ଚାଲିଆସୁଛି ଏବଂ ଆମ ଆର୍ଯ୍ୟଭୂମି ଭାରତ ଭୂଖଣ୍ଡରେ ମାତୃଶକ୍ତି ଉପାସନା ଗାଁ ଗହଳିରେ ବି ପ୍ରସାରିତ ହେବାରେ ଲାଗିଛି । ବିଭିନ୍ନ ରୂପରେ ମାତୃ ଆରାଧନାର ଅନ୍ୟତମ ପ୍ରାଚୀନ ଶକ୍ତି ପୀଠ ଓଡ଼ିଶାରେ ମାତୃଶକ୍ତି ବିଭିନ୍ନ



ରୂପରେ ଆରାଧିତ । ଯଥା ଯାଜପୁର ମା' ବିରଜା, ମହାଲକ୍ଷ୍ମୀ, ମା' ଦୁର୍ଗା, ଶ୍ୟାମାକାଳୀ, ବିମଳା, ବିଲସାରଳା, କାକଟପୁରର ମା' ମଙ୍ଗଳା ଭୂଷଣ୍ଡପୁରର ଉଗ୍ରତାରା, ଗଞ୍ଜାମର ନାରାୟଣୀ, ବାଙ୍କୀର ମା' ଚର୍ଚ୍ଚିକା, ବାଣପୁରର ମା' ଭଗବତୀ, ଖିଚିଂର କୀଚକେଶ୍ୱରୀ, କେନ୍ଦୁଝରର ମା' ତାରିଣୀ, ଭଦ୍ରକାଳୀ, ପୁରୀର ହରଚଣ୍ଡୀ, ହେଙ୍ଗୁଳା, ଗୌରୀ, ଭୁବନେଶ୍ୱରୀ, କନକ ଦୁର୍ଗା, ଭଟ୍ଟାରିକା, ମାଣିକେଶ୍ୱରୀ, ମା' ଭୁଆସୁଣୀ, ସମ୍ବଲପୁରର ସମଲେଶ୍ୱରୀ, ଚୌରାଶୀସ୍ଥ ବାରାହୀ ଆଦି ଶକ୍ତିଦେବୀ ଓ ପ୍ରତ୍ୟେକ ଗ୍ରାମରେ ଗ୍ରାମ ଦେବତା ରୂପେ ଭିନ୍ନ ଭିନ୍ନ ନାମରେ ମାତୃଶକ୍ତି ଆରାଧନା ଓଡ଼ିଶା ଓ ଭାରତବର୍ଷର ଜନଜୀବନକୁ ଆଧାତ୍ମିକ ସ୍ରୋତରେ ପ୍ଳାବିତ କରି ଆସିଛି ।

ସାଧାରଣତଃ ଶକ୍ତିର ଆରାଧଦେବୀ ଦୁର୍ଗାଙ୍କ ଉପାସନା ଶାକ୍ତ ସଂସ୍କୃତିରେ ବିଶିଷ୍ଟ ଉପାସନା ରୂପେ ମାନ୍ୟତା ପାଇ ଆସୁଛି । ମା' ଦୁର୍ଗାଙ୍କର ବିଭିନ୍ନ ରୂପ ଆରାଧନା ସମଗ୍ର ଦେଶରେ ବିଭିନ୍ନ ସ୍ଥାନରେ କରାଯାଏ । ମହାଶକ୍ତିଙ୍କୁ ବିଭିନ୍ନ ରୂପରେ ବିଭିନ୍ନ ନାମରେ ଆରାଧନା କରାଯାଇ ନିରାଜନା ଓ ଅର୍ଚ୍ଚନା କରାଯାଇଥାଏ । ଅବ୍ୟକ୍ତା ଆଦ୍ୟା ପ୍ରକୃତି ଆଦି ଶକ୍ତି, ଋକବେଦର ଛନ୍ଦୋବଦ୍ଧ ମନ୍ତ୍ରଶକ୍ତି, ଯଜୁର୍ବେଦର ଗଦ୍ୟ ମନ୍ତ୍ରଶକ୍ତି ଓ ସାମବେଦର ଗୀତମୟ ମନ୍ତ୍ରଶକ୍ତି, ଅଥର୍ବବେଦର ବୈଦିକ, ଶ୍ରୁତିରୂପିଣୀ ସମୁଚ୍ଚାରିତ ବାଙ୍ମୟ ଦିବ୍ୟ ଶକ୍ତି ଇତ୍ୟାଦି ଅଶେଷ ନାମର ଅନାଦି ଆଦିଶକ୍ତି ହେଉଛନ୍ତି ମହାମାୟା ଦୁର୍ଗା ।

ଶକ୍ତି ରୂପରେ ଦୁର୍ଗା କାତ୍ୟାୟନୀଙ୍କ ଅନ୍ୟରୂପ ଯେ ଏକାନଂସା, ଏକଥା ବହୁତ କମ୍ ଲୋକ ଜାଣନ୍ତି । ବହୁ ସମୟରେ ଛିନ୍ନମସ୍ତା ରୂପକୁ 'ଏକାନଂସା' ବୋଲି କେତେକ ଅଭିହିତ କରିଥାଆନ୍ତି ଯାହା କି ଭ୍ରମାତ୍ମକ ଅଟେ । କାଳର କରାଳରେ ଭିନ୍ନ ଭିନ୍ନ ଧର୍ମଧାରଣା ଓ ଜନଗଣଙ୍କ ଆଧାତ୍ମିକ ମାନସିକତାକୁ ପୁଞ୍ଜି କରି ମା' ଦୁର୍ଗାଙ୍କ ଏହି ଏକାନଂସା ନାମ ପରିବର୍ତ୍ତିତ ହୋଇ ସୁଭଦ୍ରା ଦେବୀରୂପେ ଆଖ୍ୟାୟିତ ହୋଇଥିବା ବିଭିନ୍ନ ପୌରାଣିକ ଓ ଐତିହାସିକ ଗ୍ରନ୍ଥରୁ ସୂଚନା ମିଳେ । ବିଭିନ୍ନ ତନ୍ତ୍ରଶାସ୍ତ୍ରରେ ପୁରୀକୁ ଏକ ପୀଠସ୍ଥାନ ରୂପେ ମାନ୍ୟତା ଦିଆଯାଇ ଶ୍ରୀଜଗନ୍ନାଥଙ୍କୁ ଭୈରବ ଓ ମା' ବିମଳାଙ୍କୁ ଭୈରବୀ ରୂପେ ଆଖ୍ୟା ଦିଆଯାଇଛି । ଶକ୍ତି ଉପାସକମାନଙ୍କର ଏହି ପ୍ରସିଦ୍ଧ ପୀଠର କ୍ଷେତ୍ରଶକ୍ତି ହେଉଛନ୍ତି ମା' ସୁଭଦ୍ରା ଯାହାକି ପୂର୍ବବର୍ତ୍ତୀ ସମୟରେ ଏକାନଂସା ନାମରେ ପରିଚିତା ଥିଲେ । ମହାଭାରତରେ ଦେବୀ 'ଏକାନଂସା'ଙ୍କ ସମ୍ପର୍କରେ ବିଭିନ୍ନ ପ୍ରାଚୀନ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ମହାଭାରତରେ ବର୍ଣ୍ଣିତ ଅଙ୍ଗିରାଙ୍କ କନ୍ୟା 'କୁହୁ' ଙ୍କର ଅନ୍ୟନାମ ହେଉଛି ଏକାନଂସା ।

ଆଦି ଶକ୍ତିଙ୍କର ଦଶ ବିଭୂତିଭୂତା ବିଦ୍ୟାଶକ୍ତିର ଦେବୀମାନେ ହେଲେ ପରାଶକ୍ତିର ଅପରା ଉଦ୍ଭବ ଦଶ ମହାବିଦ୍ୟା । ଏହି ବିଦ୍ୟାର ବିଧାତ୍ରୀମାନେ ଦେବୀମାନେ ମହାଶକ୍ତିଙ୍କ ନିର୍ଦ୍ଦେଶରେ ପ୍ରକଟିତ ହୋଇ ଶିବଙ୍କର ଅହଂକାରକୁ ଚୂର୍ଣ୍ଣୀଭୂତ କରିଥିଲେ । ଏହି ଦେବୀମାନେ ଦଶଦିଗରେ ଆବିର୍ଭୂତ ହୋଇ ଶିବଙ୍କର ପଳାୟନ ପଥକୁ ରୁଦ୍ଧ କରିଥିଲେ ।

ସେହିପରି ସପ୍ତଶତୀ ଚଣ୍ଡୀଙ୍କ ଦେବୀ କବଚ ଅନୁସାରେ ଶକ୍ତିଙ୍କୁ ନବଦେବୀରୂପେ ଆରାଧନା କରାଯାଏ । (କ) ସକଳ ଅଭୀଷ୍ଟଦାୟିନୀ, ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାୟିନୀ ବୃଷାରୂଢ଼ା ଶୈଳପୁତ୍ରୀ (୨) ବ୍ରହ୍ମଜ୍ଞାନ ପରିପୂର୍ଣ୍ଣ ଭୂର୍ତ୍ତିମତୀ ଜ୍ଞାନ ପ୍ରଦାୟିନୀ ବ୍ୟାଘ୍ରବାହିନୀ ଚନ୍ଦ୍ରଘଣ୍ଟା (୪) ଭକ୍ତରକ୍ଷାକାରିଣୀ ଭୟ ନିବାରିଣୀ ଶାର୍ଦ୍ଦୁଳବାହିନୀ କୁଷ୍ମାଣ୍ଡା (୫) ତପଶକ୍ତି, ଧ୍ୟାନ ଶକ୍ତି ଓ ଯୋଗଶକ୍ତି ପ୍ରଦାୟିନୀ ସିଂହବାହିନୀ ସ୍କନ୍ଦମାତା (୬) ଭକ୍ତି ଓ ମୋକ୍ଷ ପ୍ରଦାୟିନୀ ସିଂହବାହିନୀ କାତ୍ୟାୟନୀ (୭) କାଳହନ୍ତୀ ଶକ୍ତିମାତା ଗର୍ଦ୍ଦଭବାହିନୀ କାଳରାତ୍ରୀ (୮) ରୂପ, ଜୟ, ଯଶ ପ୍ରଦାୟିନୀ ଓ ସର୍ବପଦ ନିବାରିଣୀ ବୃଷାରୂଢ଼ା ମହାଗୌରୀ ଏବଂ (୯) ସର୍ବସିଦ୍ଧିର ମହାଧାତ୍ରୀ ପଦ୍ମାସନା ସିଦ୍ଧିଦାତ୍ରୀ ଅଟନ୍ତି । ଜଡ଼ ଓ ଚେତନ ସବୁଠାରେ ଏହି ମହାଶକ୍ତି ବିଦ୍ୟମାନ ।

## ଦୁର୍ଗା ଦେବୀ ଶରଣମହଂ...

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଦେବୀ ସର୍ବଦେବତାଙ୍କ ଶକ୍ତିରେ ବିରାଜିତା ହୋଇ ମହିଷାସୁର ସହିତ ଘୋର ସଂଗ୍ରାମ କରି ତାକୁ ବଧ କଲେ ।

ଦେବୀଙ୍କ ଶକ୍ତି ବିଷୟରେ ଶ୍ରୀଶ୍ରୀ ଚଣ୍ଡୀରେ ମେଧସ୍ ଋଷି ରାଜା ସୁରଥ ଓ ସମାଧି ବୈଶ୍ୟଙ୍କୁ ଉଦବୋଧନ ଦେଇଥିଲେ । ଋଷି ଦେବୀଙ୍କୁ 'ନିତ୍ୟୈବ ସା ଜଗନ୍ମୂର୍ତ୍ତି' ରୂପେ ପରିଚୟ ଦେଇ ତାଙ୍କର ମହିଷାସୁର, ଚଣ୍ଡମୁଣ୍ଡ, ଶୁମ୍ଭନିଶୁମ୍ଭ ପ୍ରଭୃତି ଅସୁରଙ୍କର ବିନାଶ ବିଷୟରେ ବର୍ଣ୍ଣନା କରିଥିଲେ । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ଦେବୀସ୍ତୁତି ପାଠକଲେ ଜଣାଯାଏ ଯେ ଏଥିରେ ଦେବୀଙ୍କୁ ବୈଦିକ ସ୍ୱରୂପ, ଜନନୀ, ଭଗିନୀ ସ୍ୱରୂପ ଓ ଦୁହିତା ସ୍ୱରୂପରେ ବର୍ଣ୍ଣନା କରାଯାଇଛି । ଏଥିରେ ବର୍ଣ୍ଣିତ 'ନାରାୟଣୀ ସ୍ତୁତି'ରେ ଦେବୀଙ୍କୁ ବିଶ୍ୱାଧାର, ବିଶ୍ୱବୀଜ ବୈଷ୍ଣବୀ ଶକ୍ତି, ସପ୍ତମାତୃକା, ଲକ୍ଷ୍ମୀ ନାରାୟଣୀ, ସରସ୍ୱତୀ, କାତ୍ୟାୟନୀ, ଦୁର୍ଗା, ଭଦ୍ରକାଳୀ ଓ ଅମ୍ବିକା ପ୍ରଭୃତି ଶବ୍ଦରେ ଆବାହନ କରାଯାଇଛି । ଏହି 'ନାରାୟଣୀ ସ୍ତୁତି' ରେ ଶେଷରେ ଦେବୀ ନିଜର ଭବିଷ୍ୟତ ଅବତାରଗୁଡିକ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଭବିଷ୍ୟତରେ ସେ ବିନ୍ଧ୍ୟବାସିନୀ, ରକ୍ତଦନ୍ତିକା, ଶତାକ୍ଷୀ, ଶାକମ୍ଭରୀ, ଦୁର୍ଗା, ଭୀମା, ଭ୍ରାମରୀ ପ୍ରଭୃତି ନାନାବିଧ ରୂପରେ ଅବତାର ଗ୍ରହଣ କରି ଦାନବ ସଂହାର ସହିତ ବିଶ୍ୱକଲ୍ୟାଣ କରିବେ ।

ଏହି ପରିପ୍ରେକ୍ଷୀରେ ସମଗ୍ର ଭାରତବର୍ଷରେ ଶରତକାଳରେ ସେହି ମହାଶକ୍ତି, ଭଗବତୀ ଦୁର୍ଗାଙ୍କୁ ଅମ୍ବିକା, ନାରାୟଣୀ, ମହାକାଳୀ, କଲ୍ୟାଣୀ ଓ ଭୁବନେଶ୍ୱରୀ ପ୍ରଭୃତି ବହୁରୂପରେ ଉପାସନା କରାଯାଇଛି । ଏଥି ସହିତ ଭାରତବର୍ଷର ୫୧ ଟି ଶକ୍ତିପୀଠରେ ମଧ୍ୟ ଶକ୍ତ ସ୍ୱରୂପା ବିଭିନ୍ନ ଦେବୀଙ୍କର ଶାସ୍ତ୍ରୀୟ ପରମ୍ପରା ଓ ପୂଜା ପଦ୍ଧତି ଅନୁସରଣରେ ଉପାସନା କରାଯାଇ ଆସୁଛି ।

## ସ୍ୱାସ୍ଥ୍ୟ ପାଇଁ ଜରୁରୀ ଜଳ

ଆମ ଶରୀର ପାଇଁ ଜଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାରଣ ଆମେ ଦୈନିକ ଗ୍ରହଣ କରୁଥିବା ଜଳର ପରିମାଣ ଉପରେ ହିଁ ଆମ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଶରୀରକୁ ସର୍ବଦା ଜଳୀୟ ବା ଜଳକଣାଯୁକ୍ତ ରଖିବା ପାଇଁ ଆବଶ୍ୟକ ପରିମାଣରେ ଜଳ ନିୟମିତ ପାନ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ କରିଥାନ୍ତି । ଏହାଦ୍ୱାରା ଆମର ସ୍ମରଣ ଶକ୍ତି ବଢ଼ିବା ଠାରୁ ଆରମ୍ଭ କରି ଶରୀରର ସକ୍ରିୟତା ଏବଂ ଚର୍ମର ମାନ ଉନ୍ନତ ରହିଥାଏ । ତେବେ ବେଳେ ବେଳେ ମାତ୍ରାଧିକ ଜଳପାନ ମଧ୍ୟ ଆମର ପ୍ରଭୁତ କ୍ଷତି ପହଞ୍ଚାଇଥାଏ । ତେଣୁ ଆମେ କେଉଁ ପରିସ୍ଥିତିରେ କେତେ ପରିମାଣର ଜଳ ପାନ କରିବା ଜରୁରୀ ସେ ସମ୍ପର୍କରେ ଆଲୋଚନା କରିବା । ସାଧାରଣତଃ ଆମ ଶରୀରର ବିଭିନ୍ନ କ୍ରିୟା ସମ୍ପାଦନ ପାଇଁ ଦୈନିକ ଅଢ଼େଇରୁ ତିନି ଲିଟର ଯାଏ ଜଳ ପାନ କରିବା ଜରୁରୀ । ତେବେ ଜଣେ ସୁସ୍ଥ ସବଳ ଲୋକ ପାଇଁ ପ୍ରକୃଷ୍ଟ ପରାମର୍ଶ ହେଲା, ଶୋଷ ଲାଗିବା ମାତ୍ରେ ହିଁ ଜଳପାନ କରିବା । ଅପରପକ୍ଷେ, ଅତି ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ତୃଷ୍ଣା ଅନୁଭବ କ୍ଷମତା କମି ଯାଇଥିବାରୁ ସେମାନେ ଏଥିପ୍ରତି ସଜାଗ ରହିବା ଆବଶ୍ୟକ । ଶୋଷ ଲାଗୁ ନ ଥିବା ସତ୍ତ୍ୱେ ମାତ୍ରାଧିକ ଜଳପାନ କଲେ ହାଇପୋନାଟ୍ରିମିଆ ବା ଜଳ ବିଷାକ୍ତୀକରଣ ପରି ଅବସ୍ଥାକୁ ଆମନ୍ତ୍ରଣ କରିବାକୁ ପଡିଥାଏ । ଏହାଦ୍ୱାରା ରକ୍ତରେ ସୋଡିୟମ ସ୍ତର କମି ଆସି ମସ୍ତିଷ୍କ ଫୁଲିଯିବା ସହ ବିଭିନ୍ନ ସ୍ନାୟବିକ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଶରୀରକୁ ସର୍ବଦା ଜଳକଣାଯୁକ୍ତ ରଖିବାକୁ କୌଣସି ହିସାବ କିତାବରେ ଜଳପାନ ନ କରି ଶୋଷ ଲାଗିବା ମାତ୍ରେ ହିଁ ଗିଲାସେ ପାଣି ପିଇଦେବା ସବୁଠୁ ସହଜ ଓ ଫଳଦାୟୀ ଉପାୟ ବୋଲି ବିଶେଷଜ୍ଞମାନଙ୍କ ମତ ।


# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ଝାରସୁଗୁଡ଼ା ଗସ୍ତ

ଝାରସୁଗୁଡ଼ା: ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଝାରସୁଗୁଡ଼ା ଗସ୍ତରେ ଆସି ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ଆଲୋଚନା କରିଛନ୍ତି । ଶ୍ରୀ ତ୍ରିପାଠୀ ଝାରସୁଗୁଡାରେ ପହଞ୍ଚିବା ପରେ ପ୍ରଥମେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାପାଳ ସରୋଜ ସାମଲଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ । ଝାରସୁଗୁଡାରେ ବଡ ବଡ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇଥିବାରୁ ଜିଲ୍ଲାରେ ପ୍ରକ୍ରିୟାକରଣ ଶିଳ୍ପର ପର୍ଯ୍ୟାପ୍ତ ସମ୍ଭାବନା ଓ ସୁଯୋଗ ରହିଛି । ଏଥିପାଇଁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ ନିମନ୍ତେ ସ୍ୱତନ୍ତ୍ର ଲ୍ୟାଣ୍ଡବ୍ୟାଙ୍କ ପ୍ରସ୍ତୁତ କରିବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ଝାରସୁଗୁଡା ଏକ ପ୍ରଗତିଶୀଳ, ବିକାଶମୁଖୀ ଜିଲ୍ଲା । ଏଠି ଶିଳ୍ପ କ୍ଷେତ୍ରରେ ଅନେକ ଉନ୍ନତି ଘଟିଛି ବୋଲି କହିବା ସହ ସ୍ମଲ, ମିଡିୟମ ଏବଂ ମାଇକ୍ରୋ ତଥା ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରି ସ୍ଥାପନା ହେଲେ ଲୋକଙ୍କ ଆର୍ଥିକ ଉନ୍ନତି ବଢିବା ସହ ସ୍ଥାନୀୟ ନିଯୁକ୍ତି ମଧ ବୃଦ୍ଧି ପାଇବ । ତେଣୁ ଇଡକୋକୁ ଏହି ଇଣ୍ଡଷ୍ଟ୍ରି କରିବାକୁ ଇଚ୍ଛୁକ ଥିବା ଲୋକଙ୍କୁ ଶୀଘ୍ର ଜମି ଯୋଗାଣ ପାଇଁ ଲେଣ୍ଡ ବ୍ୟାଙ୍କ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।



ଅନ୍ୟପଟେ କୃଷି ଉପରେ ନିର୍ଭର କରୁଥିବା ଲୋକଙ୍କ ଆର୍ଥିକ ବିକାଶ ଦିଗରେ ସରକାରୀ ଯୋଜନାର କିପରି ରୂପାୟନ କରାଯାଉଛି ତାର ତଦାରଖ କରାଯାଇଛି । ଝାରସୁଗୁଡାରେ ଚାଷୀମାନେ ଅଦା, ଲଙ୍କା ତଥା ଅନ୍ୟାନ୍ୟ ପନିପରିବା ବହୁଳ ଭାବରେ ଉତ୍ପାଦନ କରୁଛନ୍ତି । ତେଣୁ ଚାଷୀମାନଙ୍କୁ ସିଧାସଳଖ ଭାବରେ ବଜାର ସହିତ ଯୋଡିବାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏହା ସହିତ ବେଲପାହାଡ଼ ଆରସେଟି ପକ୍ଷରୁ ଆତ୍ମ ନିଯୁକ୍ତି କରାଯାଉଥିବାରୁ ଏହାକୁ ସେ ପ୍ରଶଂସା କରିଥିଲେ । ଝାରସୁଗୁଡ଼ା ଜିଲ୍ଲାରେ ଏକ ବଡ଼ ପ୍ରେକ୍ଷାଳୟ କରିବାକୁ ମଧ ସେ ଘୋଷଣା କରିଥିଲେ । ଶ୍ରୀ ତ୍ରିପାଠୀ ଜିଲ୍ଲା ପ୍ରଶାସନିକ ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିବା ସହ ଲୋକଙ୍କ ଆର୍ଥିକ ଉନ୍ନତି, ସ୍ଥାନୀୟ ନିଯୁକ୍ତି, ସରକାରୀ ଯୋଜନା ତଥା ଉନ୍ନତିମୂଳକ କାର୍ଯ୍ୟର ସଫଳ ରୂପାୟନ, ସମସ୍ତ ବିଭାଗ ମଧରେ ସମଏଚ କଁଟାପାଲିର ମୋଗା ଲିଫ୍ଟ ଇରିଗେସନ ଏବଂ ଜଳ ବିଶୋଧନ କେନ୍ଦ୍ରର ପରିଦର୍ଶନ, ବୋଲପାହାଡ ଜିଏଲ ହାଇସ୍କୁଲ, ଟିଆରଏଲ କ୍ରୋସାକି କାରଖାନା ଏବଂ ଏସବିଆଇ ଦ୍ୱାରା ପରିଚାଳିତ ଆରସେଟ ତାଲିମ କେନ୍ଦ୍ର, ଫଳ ଏବଂ ଫୁଲ ଚାଷ ଆଦି ସ୍ଥାନକୁ ବୁଲି ଦେଖିଛନ୍ତି । ଏହାସହ ନିଜ ନିଜ ମଧରେ ସମନ୍ୱୟ ରକ୍ଷା କରି ଜିଲ୍ଲାବାସୀଙ୍କ ବିକାଶ ପାଇଁ ସମସ୍ତ ବିଭାଗ ମିଳିମିଶି କାର୍ଯ୍ୟ କରନ୍ତୁ ବୋଲି ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଛନ୍ତି ।

## ସମ୍ବଲପୁରୀ ରାମାୟଣ ଓ କରୁଣାମୟୀ ସମଲେଶ୍ୱରୀ ଉନ୍ମୋଚିତ




ସମ୍ବଲପୁର: ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ପୁସ୍ତକ 'ସମ୍ବଲପୁରୀ ରାମାୟଣ' ଏବଂ ଶିବ ପ୍ରସାଦ ତ୍ରିପାଠୀଙ୍କ ରଚିତ ତଥା ଡକ୍ଟର ଦାଶରଥି ବେହେରାଙ୍କ ଦ୍ୱାରା ଅନୂଦିତ 'କରୁଣାମୟୀ ସମଲେଶ୍ୱରୀ' ପୁସ୍ତକର ହିନ୍ଦୀ ସଂସ୍କରଣ ଜିଲ୍ଲାପାଳ ଶୁଭମ ସକସେନାଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । 'ସମ୍ବଲପୁରୀ ରାମାୟଣ'ର ପ୍ରଣେତା ୮୦ ବର୍ଷ ବୟସ୍କ ଯୁଯୁମୁରା ନିବାସୀ ସୁରେନ୍ଦ୍ର ପାଣିଗ୍ରାହୀ ତାଙ୍କ ସଂଘର୍ଷମୟ ଜୀବନ ଓ ଏହି ପୁସ୍ତକ ପ୍ରଣୟନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଶିବପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ତେଲେନ କୃଷ୍ଣ ଗୁରୁ ମଣ୍ଡପରେ ବିଶ୍ୱ ଶାନ୍ତି ଯଜ୍ଞ



ଝାରସୁଗୁଡ଼ା : ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁର ବ୍ଲକ ଯାମଗାଁ ପଞ୍ଚାୟତର ତେଲେନ କୃଷ୍ଣଗୁରୁ ମଣ୍ଡପ ଠାରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ନିର୍ମିତ ଯଜ୍ଞ ମଣ୍ଡପର ଉଦ୍‌ଘାଟନ କରିଥିଲେ । ତାଙ୍କ ସହିତ ଝାରସୁଗୁଡ଼ା ଜିଲ୍ଲା ବିଜେଡି ଉପସଭାପତି ସଂଜିତ ପଧାନ, ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ଗଡ଼ତିଆ, ଲଖନପୁର ବ୍ଲକ ସଭାପତି ରବିରତ୍ନ ପଧାନ, ବ୍ଲକ ଯୁବ ସଭାପତି ନରେଶ ଖମାରି, ନରେନ୍ଦ୍ର ତିହିରିଆ, ସରପଞ୍ଚ ବାସନ୍ତୀ ପ୍ରଧାନ, କତରବଗା ସରପଞ୍ଚ ରୋହିତ ଧୁରୁଆ, ସୁରେନ୍ଦ୍ର ବେହେରା, ବିକି ଖମାରି, ଚୈତନ୍ୟ ବାରିକ, କାର୍ତ୍ତିକ ବନଛୋର, ମକରଧ୍ୱଜ ରୋହିଦାସ, ରାଇନା ମାଷ୍ଟର, ପୂର୍ଣ୍ଣଚନ୍ଦ୍ର ପଧାନ, ପଦ୍ମଲୋଚନ ପଧାନଙ୍କ ସହିତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ସମ୍ବଲପୁର ରେଳ ମଣ୍ଡଳକୁ ୪ ଦକ୍ଷତା ପୁରସ୍କାର

ସମ୍ବଲପୁର: ରେଳ ସପ୍ତାହ ବାର୍ଷିକ ୬୬ତମ ପୁରସ୍କାର ବିତରଣ ସମାରୋହ ସମ୍ବଲପୁର ରେଳ ମଣ୍ଡଳ ୪ଟି ଦକ୍ଷତା ପୁରସ୍କାର ହାସଲ କରିଛି । ମେକାନିକାଲ ଓ ଇଲେକ୍ଟ୍ରିକାଲ ବିଭାଗର ଶକ୍ତି ପରିଚାଳନା କ୍ଷେତ୍ରରେ ଏବଂ ରାଜଭାଷା ଓ ସର୍ବଶ୍ରେଷ୍ଠ ସ୍ୱଚ୍ଛ ଷ୍ଟେସନ ବର୍ଗକୁ ମିଶାଇ ୪ଟି ପୁରସ୍କାର ମିଳିଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କ ଠାରୁ ଶାଖା ଅଧିକାରୀଙ୍କ ସହ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୁରସ୍କାର ବିଜେତା ଅଧିକାରୀ ଓ ବିଭାଗଗୁଡିକୁ ମଣ୍ଡଳ ପ୍ରବନ୍ଧକ ଅଭିନନ୍ଦନ ଜଣାଇଛନ୍ତି । ଭବିଷ୍ୟତରେ ଆହୁରି ଅଧିକ ଦକ୍ଷତାର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

## ଜାଗ୍ରତ ରେଳ କର୍ମଚାରୀ ପୁରସ୍କୃତ



ସମ୍ବଲପୁର : ସମ୍ବଲପୁର ରେଳ ମଣ୍ଡଳ ଇଞ୍ଜିନିୟରିଂ ବିଭାଗର ମହାସମୁନ୍ଦ ଷ୍ଟେସନ୍‌ରେ କାର୍ଯ୍ୟରତ ଟ୍ରାକ୍ ମ୍ୟାଣ୍ଟେନର୍-୩ ବିଜୟ କୁମାରଙ୍କ ନିରାପତ୍ତା ପ୍ରତି ସଜାଗ, ସୁରକ୍ଷିତ ରେଳ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି । ତାଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସପର୍ମଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାଣ ପତ୍ର ସହ ନଗଦ ରାଶି ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ଅବସରରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସମନ୍ୱୟ) ଜୟନ୍ତ କୁମାର ଖମାରୀ ଏବଂ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ପୀତବାସ ପଣ୍ଡା ଉପସ୍ଥିତ ଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ପ୍ରବଚନ ସ୍ଥଳରେ ବିହାରୀଲାଲ୍ ପନ୍‌ସାରୀଙ୍କ ଆକସ୍ମିକ ବିୟୋଗ

ସମ୍ବଲପୁର : ଜଣାଶୁଣା ସମାଜସେବୀ, ପୂର୍ବତନ କାଉନସିଲର ତଥା ବରିଷ୍ଠ ବିଜେଡି ନେତା ଶ୍ରୀ ବିହାରୀଲାଲ ପନସାରୀଙ୍କ ପରଲୋକ ହୋଇଯାଇଛି । କ୍ଷେତରାଜପୁରର ଦୁର୍ଗା ମଙ୍ଗଳମ ଠାରେ ଆୟୋଜିତ ହୋଇଥିବା ବିହଙ୍ଗମ ଯୋଗର ପ୍ରବଚନ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିବା ବେଳେ ସେଠାରେ ହିଁ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ଏହି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା । ଶ୍ରୀ ପନସାରୀ ପ୍ରବଚନରେ ଯୋଗ ଦେବା ପାଇଁ ଆସିଥିବା ଅତିଥିମାନଙ୍କୁ ସ୍ୱାଗତ ଜଣାଇ ବିହଙ୍ଗମ ଯୋଗର ସନ୍ଥ ପ୍ରବର ବିଜ୍ଞାନ ଦେବଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତା'ପରେ ସେ ହଠାତ୍ ତଳି ପଡିଯିବାରୁ ତାଙ୍କୁ ତୁରନ୍ତ ବିକାଶ ହାସ୍ପାତାଲକୁ ନିଆଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ସଂସ୍ଥାର ମୁଖ୍ୟ ସ୍ୱାମୀ ସ୍ୱତନ୍ତ୍ରଦେବ ଜୀ ମହାରାଜ ଓ ବିଜ୍ଞାନଦେବ ଜୀ ମହାରାଜଙ୍କ ଉପସ୍ଥିତିରେ ପ୍ରବଚନ ସ୍ଥଳରେ ସମବେତ ଭକ୍ତବୃନ୍ଦ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ମୃତ୍ୟୁ ବେଳକୁ ଶ୍ରୀ ପନସାରୀଙ୍କୁ ୮୩ ବର୍ଷ ହେଉଥିଲା । ସେ ତାଙ୍କ ପଛରେ ଚାରି ପୁଅ ରମେଶ, ପଓ୍ୱନ, ଜଗଦିଶ ଏବଂ ଅରୁଣଙ୍କୁ ଛାଡି ଚାଲି ଯାଇଛନ୍ତି । ଗତକିଛି ବର୍ଷ ପୂର୍ବରୁ ତାଙ୍କର ପତ୍ନୀଙ୍କ ବିୟୋଗ ଘଟିଥିବା ବେଳେ ଗତବର୍ଷ କୋଭିଡ୍ ମହାମାରୀରେ ତାଙ୍କର ଡାକ୍ତର ପୁତ୍ର ସଜ୍ଜନଙ୍କ ପରଲୋକ ହୋଇଥିଲା ।



ଶ୍ରୀ ପନସାରୀଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ । ସମ୍ବଲପୁର ଡେଭେଲପମେଣ୍ଟ ଫୋରମ ଓ ନୃସିଂହ ଗୁରୁ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ଠାରେ ଆୟୋଜିତ ଏକ ଶୋକ ସଭାରେ ନିସ୍ୱାର୍ଥପର ସମାଜସେବା ଏବଂ ଆମାୟିକ ବ୍ୟକ୍ତିତ୍ୱ ପାଇଁ ବିହାରୀଲାଲ ପନ୍‌ସାରୀ ଚିରସ୍ମରଣୀୟ ହୋଇ ରହିବେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶୋକସଭାରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ଓ ହେମନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ରବି ନାରାୟଣ ମିଶ୍ର ପ୍ରମୁଖ ସ୍ୱର୍ଗତ ପନସାରୀଙ୍କୁ ଜଣେ ସଚ୍ଚୋଟ ସମାଜସେବୀ ରୂପେ ଅଭିହିତ କରିବା ସହ ତାଙ୍କ ଅବର୍ତ୍ତମାନରେ ସମାଜର ଅପୂରଣୀୟ କ୍ଷତି ହେଲା ବୋଲି ମତବ୍ୟକ୍ତ କରିଥିଲେ । ସଭାରେ ରାଜେନ୍ଦ୍ର କୁମାର ପଣ୍ଡା ଶୋକ ପ୍ରସ୍ତାବ ଆଗତ କରିଥିବାବେଳେ କାର୍ତ୍ତିକ ପ୍ରସାଦ ବହିଦାର ଭଗବତ ଗୀତାର କେତେକ ଶ୍ଲୋକ ଆବୃତ୍ତି କରିଥିଲେ । ସ୍ୱର୍ଗତ ପନ୍‌ସାରୀଙ୍କ ସ୍ମୃତିରେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର, ସମ୍ବଲପୁର ଡେଭେଲପମେଣ୍ଟ ଫୋରମ ଓ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ମିଳିତ ଭାବରେ ଏକ ସ୍ମାରକୀ ବକ୍ତୃତା ଆୟୋଜନ କରାଯିବା ପାଇଁ ସ୍ଥିର ହୋଇଛି ।

## ସମାଜସେବା ଓ ବିଭିନ୍ନ କାର୍ଯ୍ୟକ୍ରମରେ ବିହାରୀଲାଲ୍ ପନ୍‌ସାରୀଙ୍କ କିଛି ସ୍ମୃତି









## ସୁନ୍ଦରଗଡ଼ରେ ଶିଳ୍ପୀ ଶୁଭମଙ୍କ ଏକକ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ

ସୁନ୍ଦରଗଡ଼ : ସ୍ଥାନୀୟ ଚିତ୍ରକଳା ଅନୁଷ୍ଠାନ କଳାୟତନ କଲେଜ ଅଫ୍ ଆର୍ଟ ଏଣ୍ଡ କ୍ରାଫ୍ଟସ ପରିସରରେ ଏକକ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ 'ଛାଏ' ଉଦ୍‌ଘାଟିତ ହୋଇଛି । ଭାସ୍କର୍ଯ୍ୟ ବିଭାଗର ବିଭିଏ ଚତୁର୍ଥ ବର୍ଷ ଛାତ୍ର ଶୁଭମ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ୫୦ ଟି ଭାସ୍କର୍ଯ୍ୟ କଳା, ଟେରାକୋଟା ଆଦି ଏହି ପ୍ରଦର୍ଶନୀରେ ସ୍ଥାନ




ପାଇଥିଲା । ପ୍ରଦର୍ଶିତ କଳାକୃତି ଗୁଡିକରେ ମୁଖ୍ୟତ । ଆଦିବାସୀଙ୍କ ଗ୍ରାମ୍ୟ ଜୀବନର ଝଲକ ଦେଖିବାକୁ ମିଳିଥିଲା । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଯୋଗଦେଇ ଶୁଭମ ଓ ଅନ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଉପାଧକ୍ଷ ଡକ୍ଟର ଦିଲ୍ଲୀପ ହାତୀ, ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା, ହରିବନ୍ଧୁ ଠାକୁର, ଜିଲ୍ଲା ସଂସ୍କୃତି ଅଧିକାରୀ ଅନୀଲ କେର୍କେଟା, ଅନୁଷ୍ଠାନ ସମ୍ପାଦକ ଶିଳ୍ପୀ ଶୀତଳ ମହାପାତ୍ରଙ୍କ ସମେତ ଅଧାପକ, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବେହେରା ଯୁବଶିଳ୍ପୀ ଶୁଭମ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶୁଭମ ହେଉଛନ୍ତି ଝାରସୁଗୁଡ଼ା ଜିଲ୍ଲା ତାଲପଟିଆ ଗ୍ରାମର ରବୀନ ସାହୁଙ୍କ ପୁତ୍ର ।

## ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦର ବାର୍ଷିକ ସମାରୋହ



କଟକ: ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦର ବାର୍ଷିକ ସମାରୋହ ଅବସରରେ ମହାତ୍ମା ଗାନ୍ଧୀଙ୍କ କଟକ ଆଗମନର ଶତାବ୍ଦୀ ସ୍ମାରକୀ ଓ ନେତାଜୀ ସୁଭାଷଙ୍କ ୧୨୫ ତମ ଜୟନ୍ତୀ ଓ ଆଜାଦିକୀ ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଡକ୍ଟର ଅନନ୍ତ ଚରଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଗାନ୍ଧୀଜୀ, ନେତାଜୀ ତଥା ସଂଗ୍ରାମୀ ନନ୍ଦ କିଶୋର ଓ ମଧୁସୁଦନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଦିବଙ୍ଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କର ଆଭାସୀ ଉଦଘାଟନୀ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହି ଅବସରରେ 'ସଂଗ୍ରାମୀ ସ୍ମରଣିକା ୨୦୨୧' ବିଶେଷ ସଂସ୍କରଣକୁ ସାଂସଦ ଶ୍ରୀ ସୁଭାଷ ସିଂହ ଉନ୍ମୋଚନ କରିଥିଲେ । ଉପ ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଅତିଥି ପରିଚୟ, ଡକ୍ଟର ସିଦ୍ଧାନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ ଓ କାର୍ଯ୍ୟକାରୀ ସଭାପତି ଶ୍ରୀଧର ଦାସ, ଉପ ରାଷ୍ଟ୍ରପତି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ ।

ସଭାରେ ଡକ୍ଟର ଗୋକୁଳାନନ୍ଦ ସାହୁ, ଡକ୍ଟର ହୁସେନ ରବି ଗାନ୍ଧୀ, ଡ.ଗୋବିନ୍ଦ ଚନ୍ଦ୍ର ଚାଟି, ଶ୍ରୀମତୀ ଅରୁଣା ସାମନ୍ତରାୟ, ପୁଷ୍ପମିତ୍ରା ସାହୁ, ମହେନ୍ଦ୍ର କୁମାର କାୟସ୍ଥ, ବଡ଼କୃଷ୍ଣ ବେହେରା, ମନମୋହନ ବେହେରା ପ୍ରମୁଖ ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । କୁମାରୀ ଲିପ୍ସା ସାହୁ ରାମଧୁନ ଭଜନର ତାଳେ ତାଳେ ଆକର୍ଷଣୀୟ ଯୋଗ ପ୍ରଦର୍ଶନ କରିଥିଲେ । ସହ ସମ୍ପାଦକ ଶ୍ରୀ ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜୁ ମହିଳା ଦଳ ପକ୍ଷରୁ ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ





ସୁନ୍ଦରଗଡ଼ : ସୁନ୍ଦରଗଡ଼ ବିଜୁ ମହିଳା ଦଳ ତରଫରୁ ଜିଲ୍ଲା ସଭାନେତ୍ରୀ ରଞ୍ଜନା ପଣ୍ଡାଙ୍କ ନେତୃତ୍ୱରେ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ସଭାପତି ଶ୍ରୀ ବିନୟ ଟପ୍ପୋ, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଯୋଗେଶ ସିଂ, ଜିଲ୍ଲା ଛାତ୍ର ସଭାପତି ସୟଦ ସଦବାଦ ହୁସେନ, ପୂର୍ବତନ ଅଧକ୍ଷ ଶ୍ରୀ ବେଣୁଧର ତାଣ୍ଡିଆ, ଆଇନଜୀବି ଅଶୋକ ସ୍ୱାଇଁ, ଶ୍ରୀ ଜୟନାରାୟଣ ତ୍ରିପାଠୀ, ଶ୍ରୀ ଗୋପ ମହାନ୍ତି, ଶ୍ରୀ ରାଜେନ୍ଦ୍ର ସିଂ, ସାଧାରଣ ସମ୍ପାଦିକା ଶ୍ରୀମତୀ ଅନିତା ଶର୍ମା, ଟିକେଶ୍ୱରୀ ନାଏକ, ଟାଉନ ସଭାପତି ଶୁଶିଳା ନାଗ, ନିରୁପମା ସାମଲ, ପ୍ରଣତି ସାହୁ, ପୁଷ୍ପା ସେଠୀ, ଗୀତାଞ୍ଜଳି ପଟେଲ, ମନ୍ଦାକିନୀ ପଟେଲ, ଉର୍ମିଳା, ଡଲି, ରଞ୍ଜୁ କରଡି, ଉମା ପଲେଇ, ସୁନିଲ ମହାପାତ୍ର, ସୁଶାନ୍ତ ଦେବ, ଋତୁରାଜ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra